
୨୪-୩୦ ଅଗଷ୍ଟ , ୨୦୨୫
ସକାଳ
THE SAKALA
ରବିବାରି
ସିନ୍ଦୁରା
ବାଦଲଫଟା ବର୍ଷାର ବିପର୍ଯ୍ୟୟ
ପ୍ରକୃତିର କ୍ରୋଧ
ବାଦଲଫଟା ବିପ୍ଳାତ
ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ
ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା
ବାଦଲଫଟା
ବର୍ଷା



ପ୍ରକୃତିର ରୂପ ଖୁବ୍ ଲୋଭନୀୟ ଓ ଆକର୍ଷଣୀୟ । ମନୋରମ ପ୍ରାକୃତିକ ପରିବେଶରେ କିଛି କ୍ଷଣ ବିତାଇଲେ ଜୀବନର ସବୁ ଦୁଃଖ, ଶୋକ ଭୁଲି ହୋଇଯାଏ । ତେବେ ଶାନ୍ତ ପ୍ରକୃତି, ଯେତେବେଳେ ଅଶାନ୍ତ ହୋଇଉଠେ କେଇ ମୁହୂର୍ତ୍ତରେ ସବୁ କିଛିକୁ ଛାରଖାର କରିଦିଏ । ବନ୍ୟା, ବତ୍ୟା, ଭୂମିକମ୍ପ, ବାଦଲଫଟା ବର୍ଷା ଗୋଟିଏ ଗୋଟିଏ ପ୍ରାକୃତିକ ବିପତ୍ତି । ପ୍ରକୃତିର ତାଣ୍ଡବ ମଣିଷର ଜୀବନ ଓ ଜୀବିକାକୁ ଉଜାଡ଼ି ଦିଏ । ପ୍ରକୃତିର କୋପ ଆଗରେ ସମସ୍ତେ ଅସହାୟ ହୋଇପଡ଼ନ୍ତି । ମଣିଷ ଯେତେ ଶିକ୍ଷିତ ଓ ଆଧୁନିକ ହେଲେ ମଧ୍ୟ ପ୍ରକୃତିର ଭୟଙ୍କର ରୂପକୁ ସାମ୍ନା କରିପାରେ ନାହିଁ । ପ୍ରାକୃତିକ ବିପତ୍ତି ମଧ୍ୟରୁ ବାଦଲଫଟା ବର୍ଷା ଅନ୍ୟତମ । ଅଚାନକ ବାଦଲଫଟା ବର୍ଷା ମଣିଷର ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିପକାଏ । ବାଦଲ ଫାଟିବା ଯୋଗୁଁ ହଠାତ୍ ମୁଷଳ ଧାରରେ ବର୍ଷା ହୋଇଥାଏ । ଆଉ ପ୍ରବଳ ବର୍ଷା ଯୋଗୁଁ ସୀମିତ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ବାଦଲଫଟା ବର୍ଷା ଯୋଗୁଁ ଜଳର ସ୍ରୋତ ଏତେ ପ୍ରଖର ଥାଏ ଯେ, ନିମିଷକ ମଧ୍ୟରେ ଘରଦ୍ୱାର, ଦୋକାନ, ଗାଡ଼ିମୋଟର ସବୁ କିଛିକୁ ଭସାଇ ନିଏ । ଭସାଏ ନିଏ ମଣିଷ, ଜୀବଜନ୍ତୁଙ୍କୁ । ବନ୍ୟାର ବିଭୀଷିକା ଆଗରେ ନିରୁପାୟ ହୋଇପଡ଼େ ମଣିଷ । ଏହି ପରିପ୍ରେକ୍ଷୀରେ ବାଦଲଫଟା ବର୍ଷା କ'ଣ? ଏହା ପଛରେ କ'ଣ ରହିଛି କାରଣ? ଭାରତର କେଉଁ କେଉଁ ଅଞ୍ଚଳରେ ଅଧିକ ସଂଖ୍ୟାରେ ବାଦଲଫାଟି ବର୍ଷା ହୋଇଥାଏ? ଏଥିରୁ ବର୍ତ୍ତିବା କ'ଣ ରହିଛି ଉପାୟ? କିଭଳି ଏହାର ପୂର୍ବାନୁମାନ କରାଯାଇପାରିବ? ବାଦଲଫଟା ବର୍ଷାର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

# ବାଦଲଫଟା ବର୍ଷା

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ


ମେଷ


ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।


ବୃଷ


ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ, ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ଅନୁଭବ କରିବେ । ଶୁକ୍ର, ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।


ମିଥୁନ

ରବି, ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର, ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।


କର୍କଟ

ରବି,ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖା ଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ, ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ଶୁକ୍ର, ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରି ହେବେ ।


ସିଂହ

ରବି, ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱ ଭାର ବଢ଼ିପାରେ । ମଙ୍ଗଳ, ବୁଧ, ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର, ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।


କନ୍ୟା

ରବି,ସୋମବାରରେ ସାମାଜିକ ସମାବେଶରେ ଯୋଗଦାନ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି ।


ତୁଳା

ରବି, ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।


ବିଛା

ରବି, ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇ ପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର, ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।


ଧନୁ

ରବି, ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର, ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇଁ ସଠିକ୍ ମାର୍ଗ ଅନୁସରଣ କରିବେ ।


ମକର

ରବି, ସୋମବାରରେ ବ୍ୟସ୍ତତା ମଧ୍ୟରେ ରହିବେ । ପାରିବାରିକ ଦାୟିତ୍ୱ ବୃଦ୍ଧି ପାଇବାକୁ ଲାଗିବ । ମଙ୍ଗଳ, ବୁଧ, ଗୁରୁବାରରେ ନୂତନ ବ୍ୟବସାୟ ପାଇଁ ଆକୃଷ୍ଟ ହୋଇପାରନ୍ତି । ଶୁକ୍ର, ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନ ଲଗାଇବେ ।


କୁମ୍ଭ

ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।



ମୀନ

ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ଧୀରେ ଧୀରେ ଅନୁକୂଳ ହେବାକୁ ଲାଗିବ । ମଙ୍ଗଳ, ବୁଧ, ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର, ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ଧ୍ୟାନ ଦେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

ସକାଳ THE SAKALA ସିନ୍ଦୁରା





ବାଦଲଫଟା ବର୍ଷା ଏକ ହଠାତ୍ ବର୍ଷା ଯେଉଁଥିରେ କି ଏକ ଘଣ୍ଟାରେ ୧୦୦ ମିମିରୁ ଅଧିକ ବର୍ଷା ଏକ ସଂକୀର୍ଣ୍ଣ ଅଞ୍ଚଳରେ ହୋଇଥାଏ। ଏହାର ତୀବ୍ରତା ଅଧିକ ଥାଏ। ପ୍ରାୟତଃ ଏହା ସେହି ସ୍ଥାନରେ (Localised) କେନ୍ଦ୍ରୀଭୂତ (Concentrated) ହୋଇଥାଏ। ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ତଥା ସ୍ଥଳ ବିଶେଷରେ ହିମପାତ ମଧ୍ୟ ହୋଇଥାଏ। ଏହି ବିପତ୍ତିଟି ବିଶେଷ ଭାବରେ ବିପର୍ଯ୍ୟୟ ସୃଷ୍ଟି କରିଥାଏ। ଗତବର୍ଷ ଜୁଲାଇ ମାସରେ କେରଳର ୱେନାଡ଼ ଅଞ୍ଚଳରେ ଏହି ବାଦଲଫଟା ବର୍ଷା ହୋଇ ବହୁ କ୍ଷୟକ୍ଷତି ଘଟାଇଥିଲା। ଚଳିତ ବର୍ଷ ମଧ୍ୟ ମୌସୁମୀ ପ୍ରବାହ ଆରମ୍ଭରୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ-କାଶ୍ମୀର ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା ଦ୍ୱାରା ପ୍ରଭୁତ ଧନଜୀବନ ହାନି ଘଟିଛି।



ଡକ୍ଟର ଜେନାମଣି ସଂଜୀବ କୁମାର

# ବାଦଲଫଟା ବର୍ଷା ଏକ ବିପତ୍ତି ଓ ବିପର୍ଯ୍ୟୟ

### ବାଦଲଫଟା ବର୍ଷାର କାରଣ

ବାଦଲଫଟା ବର୍ଷାର କାରଣକୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା। ଯଥା
(୧) ଭୌଗୋଳିକ କାରଣ (Geographical Factor)
(୨) ମନୁଷ୍ୟକୃତ କାରଣ (Anthropogenic Factor)


## ଭୌଗୋଳିକ କାରଣ

ପ୍ରଥମେ ଯେଉଁ ସ୍ଥାନରେ ବାଦଲଫଟା ବର୍ଷା ହେଉଛି ସେ ସ୍ଥାନର ଭୌଗୋଳିକ ଅବସ୍ଥିତି ଦେଖିବାକୁ ପଡ଼ିଥାଏ। ଉତ୍ତର ଭାରତର ପ୍ରମୁଖ ରାଜ୍ୟ ଯଥା - ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା ନିୟମିତ ଭାବରେ ହେଉଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆରବ ସାଗର ଉପର ଦେଇ ପ୍ରବାହିତ ହେଲେ ଏହାକୁ 'ଆରବ ସାଗରୀୟ ମୌସୁମୀ ବାୟୁ' (Arabian Sea Monsoon) ଓ ବଙ୍ଗୋପସାଗର ଦେଇ ପ୍ରବାହିତ ହେଉଥିବା ମୌସୁମୀ ବାୟୁକୁ 'ବଙ୍ଗୋପ ସାଗରୀୟ ମୌସୁମୀ ବାୟୁ ( Bay of Bengal Monsoon) କୁହାଯାଏ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଏହି ଦୁଇଟି ଶାଖାର ପ୍ରଭାବ ଉତ୍ତର ଭାରତର ଏହି ରାଜ୍ୟଗୁଡ଼ିକ ଉପରେ ରହିଛି। କିଛି ବର୍ଷ ହେବ ବିଶ୍ୱର ତାପମାତ୍ରା (Global Warming) ବୃଦ୍ଧି ପାଉଥିବାରୁ ସମୁଦ୍ରର ଜଳରାଶି ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଅଛି ଓ ଜଳର ଉଷ୍ଣତା ବୃଦ୍ଧି ପାଇ ଅଧିକ ପରିମାଣରେ ଜଳୀୟ ବାଷ୍ପ ସୃଷ୍ଟି ହେଉଛି।



• ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଧିକ ଜଳୀୟବାଷ୍ପ ଗ୍ରହଣ କରି ପର୍ବତର ପ୍ରତିବାତ ପାର୍ଶ୍ୱ (Windward side) ରେ ଧକ୍କା ଖାଇ ସେଠାରେ ଅଧିକ ବର୍ଷା କରାଇଥାଏ। ଏତତ୍‌ବ୍ୟତୀତ ଏହି ବାୟୁ ଦୁଇଟି ପର୍ବତର ମଧ୍ୟଭାଗ ଦେଇ ଯେତେବେଳେ ନିମ୍ନ ଉପତ୍ୟକାକୁ ଗତି କରେ, ସେତେବେଳେ କିଛି ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପର୍ବତର ଶୀର୍ଷ ଭାଗକୁ ଉଠିଥାଏ, ଯାହାକୁ ଅରୋଗ୍ରାଫିକ୍ ଲିଫ୍ଟ (Orographic Lift) କୁହାଯାଏ, ତାହା ଘନୀଭୂତ ହୁଏ ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେନ୍ଦ୍ରୀଭୂତ ହୋଇ ସେ ସ୍ଥାନରେ ପ୍ରବଳ ବର୍ଷା କରାଇଥାଏ। ସାଧାରଣ ବର୍ଷା ପରି ବାଦଲଫଟା ବର୍ଷା ଏକ ବିସ୍ତୃତ ଅଞ୍ଚଳରେ ବର୍ଷା ନ କରାଇ ବରଂ ଏକ ଛୋଟ ଅଞ୍ଚଳକୁ ପ୍ରଭାବିତ କରିଥାଏ। ବାଦଲଫଟା ବର୍ଷାର ପୂର୍ବାନୁମାନ କରିବା ଅତ୍ୟନ୍ତ କଷ୍ଟକର ଅଟେ। ଏହାକୁ ଜଳବାୟୁର ଏକ ବଡ଼ ଦୁର୍ଘଟଣା ବୋଲି କୁହାଯାଇପାରେ।

ଦ୍ୱିତୀୟ ଭୌଗୋଳିକ କାରଣଟି ହେଉଛି, କିଛି ବର୍ଷ ଧରି ଭାରତବର୍ଷର ପଶ୍ଚିମ ଦିଗରେ ଥିବା ଭୂମଧ୍ୟ ସାଗରୀୟ ଅଞ୍ଚଳରେ ଲଘୁଚାପ ବଳୟ ସୃଷ୍ଟି ହୋଇ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ପ୍ରଭାବିତ କରୁଛି ଯାହା ଦ୍ୱାରା କି ପର୍ବତର ତୀଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇ କ୍ଷୟକ୍ଷତି ଘଟୁଛି। ଏହାକୁ Western Disturbance କୁହାଯାଏ।




ଏଲ୍ ନିନୋ          ଲା ନିନା

ତୃତୀୟ କାରଣଟି ହେଉଛି ବିଶ୍ୱର ତାପମାତ୍ରାରେ ଅହେତୁକ ବୃଦ୍ଧି । ଦୁଇଟି ବିପରୀତଧର୍ମୀ ସାମୁଦ୍ରିକ ସ୍ରୋତ ଭାରତର ଜଳବାୟୁ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ । ତାହା ହେଉଛି ଏଲ୍‌ନିନୋ (EL Nino) ଓ ଅନ୍ୟଟି ହେଉଛି 'ଲା ଲିନା (La Nina) । ଏଲ୍‌ନିନୋ ଏକ ସାମୁଦ୍ରିକ ଉଷ୍ମ ସ୍ରୋତ ଏବଂ ଲା-ନିନା ହେଉଛି ଏକ ସାମୁଦ୍ରିକ ଶୀତଳ ସ୍ରୋତ ଯାହାକି ଦୁଇରୁ ସାତବର୍ଷ ବ୍ୟବଧାନରେ ଅନୁଭୂତ ହୋଇଥାଏ ଏଲ୍‌ନିନୋ ଶବ୍ଦଟି ଏକ ସ୍ପେନିସ୍ ଶବ୍ଦ ଯାହାର ଅର୍ଥ ହେଉଛି 'ଖ୍ରୀଷ୍ଟ ଶିଶୁ' (Christmas Child) ଅର୍ଥାତ୍ ଏହା ପଚିଶ ଡିସେମ୍ବର ପରେ ଜନ୍ମ ନିଏ । ଏହାର ସୃଷ୍ଟି ହେବାର ସ୍ଥାନଟି ହେଉଛି ଦକ୍ଷିଣ-ଆମେରିକାର ପେରୁ (Peru) ଅଞ୍ଚଳ । ଏଲ୍‌ନିନୋ ସୃଷ୍ଟି ହେଲେ ସମୁଦ୍ରର ବିଶାଳ ଅଞ୍ଚଳ ଅଶାନ୍ତ ହୁଏ ଓ ଏହାର ଉପରିସ୍ଥ ବାୟୁମଣ୍ଡଳ ଉଷ୍ମ ହୋଇ ଚାପ କମିଯାଏ । ଏହି ଏଲ୍‌ନିନୋ ପାଇଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଭାରତୀୟ ଉପ ମହାଦେଶରେ ଭଲ ବର୍ଷା କରାଇବାରେ ସକ୍ଷମ ହୁଏ ନାହିଁ । ଏଥିପାଇଁ ସ୍ୱଳ୍ପ ବୃଷ୍ଟି ବା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ ।

ଅପରପକ୍ଷରେ ଲା-ନିନା ବା ଶୀତଳ ଜଳସ୍ରୋତ ମୌସୁମୀ ବାୟୁକୁ ସହାୟତା କରିଥାଏ । ଏହି ଦୁଇଟି ମୁଖ୍ୟ କାରଣ ପାଇଁ ଜଳବାୟୁରେ ଅସ୍ଥିରତା ଦେଖା ଦେଇଥାଏ । ଉତ୍ତାପ ବୃଦ୍ଧି ଘଟିଲେ ହିମାଳୟ ପର୍ବତ ଶ୍ରେଣୀରେ ଥିବା ହିମବାହଗୁଡ଼ିକ ତରଳି ଯାଏ, ଯେଉଁଥି ପାଇଁ ଜମ୍ମୁ-କାଶ୍ମୀର ଓ ଉତ୍ତରାଖଣ୍ଡର ବିଭିନ୍ନ ହିମବାହ ହ୍ରଦ (Glacial Lake)ରୁ ପାଣି ନିମ୍ନଗାମୀ ହୋଇ ଜଳରାଶିର ମାତ୍ରା ବୃଦ୍ଧି ହେବା ସହିତ ବାଦଲଫଟା ବର୍ଷାର ପ୍ରକୋପ ଜନିତ କ୍ଷୟକ୍ଷତିକୁ ଆହୁରି ତ୍ୱରାନ୍ୱିତ କରାଇଥାଏ ।

## ବାଦଲଫଟା ବର୍ଷା ଇତିହାସ

ଏହା ଏକ ନୂତନ ଘଟଣା ନୁହେଁ । ଊନବିଂଶ ଶତାବ୍ଦୀରୁ ଏହି ଘଟଣା ସହିତ ଆମେ ପରିଚିତ । ଦୁଇ ହଜାର ଦଶ (୨୦୧୦ ମସିହା)ରେ ଲେହ (Leh) ଲଦାଖ (Ladakh)ରେ ଘଟିଥିବା ବାଦଲଫଟା ବର୍ଷା ପାଇଁ ୨୦୦ ଲୋକଙ୍କର ଜୀବନହାନି ଘଟିଥିଲା ଯାହାର ସ୍ମୃତି ଏବେ ବି ଲୋକଙ୍କ ମନରେ ସତେଜ ଅଛି । ୨୦୧୩ ମସିହାରେ କେଦାରନାଥଠାରେ ଓ ୨୦୨୧, ୨୦୨୩ ଓ ୨୦୨୫ ମସିହାରେ କିସ୍ତୱାଡ଼ ଜିଲ୍ଲାରେ ଓ ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଏହି ବିପର୍ଯ୍ୟୟ ଆସିଛି ।

## ବାଦଲଫଟା ବର୍ଷାର ନିରାକରଣ ସମ୍ଭବ କି?

ବାଦଲଫଟା ବର୍ଷା ଭଳି ଏକ ଅଚାନକ ବିପତ୍ତି ଓ ବିପର୍ଯ୍ୟୟକୁ ସମ୍ପୂର୍ଣ୍ଣଭାବେ ପ୍ରତିହତ କରାଯାଇ ନ ପାରିଲେ ମଧ୍ୟ ବିପର୍ଯ୍ୟୟ ଜନିତ କ୍ଷତିକୁ କିପରି ହ୍ରାସ କରାଯାଇପାରିବ । ସେଥିପାଇଁ ନୂତନ ବୈଜ୍ଞାନିକ ପଦ୍ଧତି ଓ କୌଶଳର ଆବଶ୍ୟକତା ଅଛି ।

### ପୂର୍ବ ସତର୍କତା ବ୍ୟବସ୍ଥା

**ଯେଉଁ ସବୁ ବିପତ୍ତି ଓ ବିପର୍ଯ୍ୟୟ ଘଟିପାରେ ବୋଲି ଆମେ ଆଶଙ୍କା କରୁଛୁ, ସେ ବିଷୟରେ ସଚେତନ ରହିବା ଉଚିତ ଓ ସେଗୁଡ଼ିକର କିପରି ସମ୍ମୁଖୀନ ହେବ ତାହା ଜାଣିବା ଆବଶ୍ୟକ ।**

ମୌସୁମୀର ପ୍ରାକ୍ ସୂଚନାକୁ ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ।

(୧) **ସ୍ୱଳ୍ପକାଳୀନ ପ୍ରାକ୍ ସୂଚନା-୩ ଦିନ ଯାଏ**
(୨) **ମଧ୍ୟମକାଳୀନ ପ୍ରାକ୍ ସୂଚନା- ୪ରୁ ୭ ଦିନ ଯାଏ ।**
(୩) **ପରିବର୍ଦ୍ଧିତ ବା ଆନ୍ତଃ ଋତୁକାଳୀନ ପ୍ରାକ୍ ସୂଚନା -୭ ଦିନରୁ ୧ ମାସ ଯାଏ ।**
(୪) **ଦୀର୍ଘକାଳୀନ ବା ଋତୁଭିତ୍ତିକ –ଗୋଟିଏ ଋତୁ ଯାଏ ।**

ଯଦିଓ ବାଦଲଫଟା ବର୍ଷା ପ୍ରାକ୍ ସୂଚନା ଏ ପର୍ଯ୍ୟନ୍ତ ସଠିକ୍ ଅନୁମାନ କରାଯାଇପାରି ନାହିଁ, ତଥାପି 'Numerical Weather Prediction' Model "ଏନ୍‌ଡବ୍ଲୁପି"ର ମଡେଲକୁ ଅଧିକ ଆଧୁନିକୀକରଣ ଓ କ୍ରିୟାଶୀଳ କଲେ କିଛିଟା ଫଳପ୍ରଦ ହୋଇ ପାରିବ । ତତ୍‌ସହିତ ଡପ୍ଲର ରାଡ଼ାର (Doppler Radar) ଓ ସାଟେଲାଇଟ୍ ସିଷ୍ଟମ (Satellite System) ସତର୍କତା ଘୋଷଣା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଅଗ୍ରାଧିକାର ଦେବା ଉଚିତ ।

### ପୋଷଣୀୟ ବିକାଶ (Sustainable Development)

ପରିବେଶକୁ ନଷ୍ଟ ନ କରି ସ୍ଥାୟୀ ବିକାଶ ପ୍ରତି ଦୃଷ୍ଟି ରଖିଲେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆମେ ଏହି ବିପର୍ଯ୍ୟୟକୁ ପ୍ରଶମନ କରିବାରେ ସକ୍ଷମ ହୋଇପାରିବା । ଯେପରି ଗଛ କାଟିବା ବନ୍ଦ କରିବା । ପାରିସ୍ଥିତିକ ତତ୍ତ୍ୱର ପ୍ରତିସ୍ଥାପନ (Ecological Restoration) ପାଇଁ ବିକାଶ ନାମରେ ଯେତିକି ଗଛ କଟାଯାଇଛି, ସେତିକି ବୃକ୍ଷ ରୋପଣ କରିବାର ଆବଶ୍ୟକତା ରହିଛି ।

### ବିଧିବଦ୍ଧ ଯୋଜନା

ଏହି ବିପର୍ଯ୍ୟୟର ପ୍ରସ୍ତୁତି କ୍ଷେତ୍ରରେ ଅତି ଜରୁରିକାଳୀନ ଭିତ୍ତିରେ ବିଲ୍ଡିଂ କୋଡ୍ ପଦ୍ଧତି (Building code) ଅନୁସରଣ କରିବା ସହିତ ନିଷିଦ୍ଧାଞ୍ଚଳର କୌଣସି କୋଠାବାଡ଼ି କାର୍ଯ୍ୟକୁ ବନ୍ଦ ରଖିବା ଉଚିତ ଓ ଗୃହଗୁଡ଼ିକ ପରିବେଶର ସୁରକ୍ଷା ବା Eco friendly ହେବା ଉଚିତ । ଏତଦ୍ ବ୍ୟତୀତ ବନ୍ୟାଞ୍ଚଳରେ ସ୍ଥାୟୀ ପାହାଡ଼ପର୍ବତର ଆଞ୍ଚଳିକ ସୁରକ୍ଷା ପାଇଁ Flood Mapping ଓ Geo-Mapping କରି ସର୍ବସାଧାରଣଙ୍କୁ ଅବଗତ କରିବା ଉଚିତ । ଫଳରେ ବାଦଲଫଟା ବର୍ଷା ଦ୍ୱାରା କ୍ଷୟକ୍ଷତିକୁ କମ୍ କରାଯାଇପାରିବ । ସେହିପରି ନୂତନ ଜଳପ୍ରବାହ ବା ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଚିତ । ନଦୀ ତଟରେ ତାର ତଟବନ୍ଧକୁ ଶକ୍ତିଶାଳୀ କରିବା ସହିତ ନଦୀ ଶୋଧନ କାର୍ଯ୍ୟ ସଠିକ୍ ଭାବେ କରିବା ଉଚିତ୍ । ନଦୀର ଗତି ପଥରେ ଅନୁମୋଦନବିହୀନ ନିର୍ମାଣକୁ ବନ୍ଦ କରିବା ଉଚିତ ।

### ସାମାଜିକ ସଚେତନତା

ଜନସାଧାରଣଙ୍କୁ ବାଦଲଫଟା ବର୍ଷା ସମ୍ବନ୍ଧରେ ସବିଶେଷ ସୂଚନା ଦେବା, କମ୍ ସମୟ ମଧ୍ୟରେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି । ସ୍ୱେଚ୍ଛାସେବୀମାନଙ୍କୁ ନିୟମିତ ତାଲିମ ଦେବା ଓ ମକ୍ ଡ୍ରିଲ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ବିଧେୟ ।

ସେହିପରି ଜଳବାୟୁ ଅସ୍ଥିରତା ରୋକିବା ପାଇଁ ଦୀର୍ଘ ମିଆଦୀ ଭିତ୍ତିରେ କାର୍ବନ ବ୍ୟବହାରକୁ କମାଇବା, ପୁନଃ ବନୀକରଣ କରିବା ଓ ସ୍ଥାୟୀ ଜନବସତିର ପରିକଳ୍ପନା କରିବା ଉଚିତ୍ । ସେଭଳି ଆଞ୍ଚଳିକ ସ୍ଥାନରେ ସୁରକ୍ଷିତ ଓ ସଙ୍କଟପୂର୍ଣ୍ଣ ସ୍ଥାନଗୁଡ଼ିକକୁ ନକ୍‌ସାରେ ଚିହ୍ନଟ କରିବା ଓ ସେଗୁଡ଼ିକର ଅବସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେବା ଉଚିତ । ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ଜୀବନରକ୍ଷା ସାମଗ୍ରୀ ଯଥା ଲାଇଫ୍ ଜ୍ୟାକେଟ୍, ଫାଷ୍ଟଏଡ୍ ( First Aid), ସ୍ୱଚ୍ଛ ପାନୀୟଜଳ, ଶୁଖିଲା ଖାଦ୍ୟ, ଟର୍ଚ୍ଚ, ହାମ୍ ରେଡିଓ (Ham Radio) ଇତ୍ୟାଦି ବଣ୍ଟନ କରିବା ଉଚିତ । ସେହିପରି ବିପର୍ଯ୍ୟୟ ସମୟରେ ଯେଉଁମାନେ 'ଟ୍ରମା' (Trauma)ରେ ଅଛନ୍ତି ସେମାନଙ୍କୁ ମାନସିକସ୍ତରରେ ସମର୍ଥନ ଯୋଗାଇଦେବା ଉଚିତ ।

### ମନୁଷ୍ୟକୃତ କାରଣ

ବାଦଲଫଟା ବର୍ଷା, ଭୂକମ୍ପ, ତୁଷାର ସ୍ଖଳନ, ଭୂସ୍ଖଳନ, ଅଂଶୁଘାତ ଆଦି ସର୍ବସାଧାରଣରେ ପ୍ରାକୃତିକ ଦୁର୍ବିପାକ ବୋଲି ଗ୍ରହଣ କରାଗଲେ ମଧ୍ୟ ଏହାର କାରଣ ମନୁଷ୍ୟକୃତ ବୋଲି ପରୋକ୍ଷରେ ବିବେଚନା କରାଯାଏ । ମନୁଷ୍ୟ ନିଜର ସୁବିଧା ପାଇଁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ନିର୍ମାଣ କଲା ବେଳେ ପ୍ରାକୃତିକ ପରିବେଶକୁ ଧ୍ୱଂସ କରୁଛି ଓ ଏହି ସ୍ଥାନର ପାହାଡ଼ ପର୍ବତରେ ବିସ୍ଫୋରଣ ଘଟାଇବା ଦ୍ୱାରା (Blasting activities) ପର୍ବତଗୁଡ଼ିକ ବିଭାଜିତ ହୋଇ ତୀଖ ଢାଲୁ ସୃଷ୍ଟି କରୁଛନ୍ତି, ଯାହାଦ୍ୱାରା କି ପରବର୍ତ୍ତୀ ସମୟରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଏହି ସ୍ଥାନରେ କେନ୍ଦ୍ରୀଭୂତ ହୋଇ ବାଦଲଫଟା ବର୍ଷା ପାଇଁ ସହାୟକ ହେଉଛି ।

### ପୂର୍ବାନୁମାନ

କେତେକ ବିପତ୍ତି ବା ବିପର୍ଯ୍ୟୟ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପ୍ରଭାବିତ କରୁଥିଲେ ମଧ୍ୟ ତାହାର ସଠିକ୍ ପୂର୍ବାନୁମାନ କରିବା ସମ୍ଭବ ହୋଇ ନ ଥାଏ । ବାଦଲଫଟା ବର୍ଷା ଓ ଭୂକମ୍ପ କେଉଁ ସ୍ଥାନରେ ଓ କେତେ ତୀବ୍ରତାରେ ସଂଘଠିତ ହେବ ତାହାର ପୂର୍ବାନୁମାନ କରାଯାଇପାରେ ନାହିଁ । ବାଦଲଫଟା ବର୍ଷା ଏବେ ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାର ଚୋସଟି ଗ୍ରାମରେ, ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମ, ସୁଖୀର ଉପରିଭାଗ ଅଞ୍ଚଳ ଓ ହର୍ଷିଲ୍‌ର ପାଖାପାଖି ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ସବୁ ଅଞ୍ଚଳଗୁଡ଼ିକ ମୁଖ୍ୟତଃ 'କ୍ଷୀର ଗଙ୍ଗା' ନଦୀର ଅଧିଗ୍ରହଣ କ୍ଷେତ୍ର (Catchment Area)ର ଅନ୍ତର୍ଭୁକ୍ତ । ଗତ ୧୬ ତାରିଖ ରାତିରେ ଜମ୍ମୁ- କାଶ୍ମୀରର କଠୁଆ ଜିଲ୍ଲାର ସୀମାନ୍ତ କୋଧଘାଟି ଗ୍ରାମରେ ବାଦଲଫଟା ବର୍ଷା ଓ ତତ୍‌ସହିତ ଭୂ-ସ୍ଖଳନ ଯୋଗୁ ଜନଜୀବନହାନି ସହିତ ଭୀଷଣ କ୍ଷୟକ୍ଷତି ଘଟିଛି । କଠୁଆରେ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି । ବ୍ରିଜ୍-୪୩ ଉପରେ ବନ୍ୟାଜଳ ପ୍ରବାହିତ ହେବା ଦ୍ୱାରା ଗମନାଗମନ ସ୍ଥଗିତ ରହିଛି ଏହି ବିପର୍ଯ୍ୟୟର କିଛି ପ୍ରାକ୍ ସୂଚନା ନ ଥିଲା ।



ଉତ୍ତର ଭାରତରେ ବାରମ୍ବାର ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂ-ସ୍ଖଳନ ଦେଶ ପାଇଁ ପ୍ରଭୁତ ବିପତ୍ତି ଆଣି ଦେଇଛି । ଯେହେତୁ ଏହି ବିପର୍ଯ୍ୟୟର ପ୍ରାକ୍‌ସୂଚନା ଜନସାଧାରଣଙ୍କୁ ଦିଆଯାଇପାରୁନାହିଁ, ତେଣୁ ପରିବେଶର ସୁରକ୍ଷା କରିବା ଆଧୁନିକ ବୈଜ୍ଞାନିକ ପଦ୍ଧତିକୁ ଆପଣେଇବା ତଥା ଜନସାଧାରଣଙ୍କ ସକରାତ୍ମକ ମନୋବଳକୁ ସୁଦୃଢ଼ କରିପାରିଲେ ହିଁ, ଏହିଭଳି ପ୍ରାକୃତିକ ବିପର୍ଯ୍ୟୟରୁ କିଛିକାଂଶରେ ଆଶ୍ୱସ୍ତି ମିଳିପାରିବ । ■

ଭୂ-ବିଜ୍ଞାନୀ, ପ୍ଲଟ୍ ନଂ-୨୭୫, ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର, ମୋ: ୯୪୩୭୩୫୫୬୪୬

# ପ୍ରକୃତିର କ୍ରୋଧ



ଇଂ. ମାୟାଧର ସ୍ୱାଇଁ

ମଣିଷକୁ ସର୍ବସ୍ୱାନ୍ତ କରିଦିଏ ପ୍ରକୃତିର କ୍ରୋଧ। ଅଶାନ୍ତ ପ୍ରକୃତି ମଣିଷର ଜୀବନଜୀବିକାକୁ ଉଜାଡ଼ି ଦିଏ। ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ବାଦଲଫଟା ବର୍ଷା ଅନ୍ୟତମ। ବାଦଲଫଟା ବର୍ଷାର ତାଣ୍ଡବରେ ଘରଦ୍ୱାର ଭାଙ୍ଗି ମାଟିରେ ମିଶିଯାଏ। ଶହ ଶହ ମଣିଷଙ୍କ ଜୀବନ ଦୀପ ଲିଭିଯାଏ। କୋଟି କୋଟି ଟଙ୍କାର ସଂପତ୍ତି ନଷ୍ଟ ହୋଇଯାଏ। ତେବେ କ'ଣ ବାଦଲଫଟା ବର୍ଷା ? କାହିଁକି ବାଦଲଫଟା ବର୍ଷା ହୋଇଥାଏ? ଏହାର କ'ଣ ରହିଛି କାରଣ? ଏହାର ପୂର୍ବାନୁମାନ ଓ ସମାଧାନ ଆଦିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।



## ବାଦଲଫଟା ବୃଷ୍ଟି କିପରି ସୃଷ୍ଟି ହୁଏ ?

ବାଦଲଫଟା ବାୟୁମଣ୍ଡଳର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ହୋଇଥାଏ। ଯେତେବେଳେ ତଳ ଅଞ୍ଚଳରୁ ଗରମ ଓ ଆର୍ଦ୍ର ବାୟୁ ପାହାଡ଼ର ଢାଲୁ ଅଞ୍ଚଳ ଦେଇ ଉପର ଆଡ଼କୁ ଠେଲି ହୋଇଯାଏ, ସେତେବେଳେ ଏହା ଘଟିଥାଏ। ଏହି ବାୟୁ କମ୍ ଚାପରେ ଅଧିକ ଉଚ୍ଚକୁ ଉଠିବା ଫଳରେ ଏହା ସେଠାରେ ପ୍ରସାରିତ ହୋଇ ଥଣ୍ଡା ହୋଇଥାଏ। ବାୟୁ ଏହାର ହିମାଙ୍କରେ ପହଞ୍ଚିଲେ ଜଳୀୟବାଷ୍ପ ଜଳବିନ୍ଦୁରେ ପରିଣତ ହୋଇ କପାସବର୍ଷୀ ବାଦଲ ଗଠନ କରିଥାଏ। ଏହି ବାଦଲ ମଧ୍ୟରେ ପ୍ରବଳ ଊର୍ଦ୍ଧ୍ୱବଳ ଥିବାରୁ ଜଳବିନ୍ଦୁ ଓ ବରଫ କଣିକା ତଳକୁ ଖସିପାରେ ନାହିଁ। ଫଳରେ ବାଦଲ ସଂତୃପ୍ତି ହୋଇଥାଏ; ଅର୍ଥାତ୍ ଏଥିରେ ଜଳକଣା ସର୍ବୋଚ୍ଚ ପରିମାଣରେ ଥାଏ। ଏହା ପରେ ବାଦଲ ଭିତରେ ଊର୍ଦ୍ଧ୍ୱବଳ ହ୍ରାସ ପାଇଲେ କିମ୍ବା ଜଳକଣାର ପରିମାଣ ଅତ୍ୟଧିକ ହେଲେ, ହଠାତ୍ ସମସ୍ତ ଜଳକଣା ଏକାଥରକେ ବର୍ଷା ଆକାରରେ ପଡ଼ିଥାଏ। ଏହା ହେଉଛି ବାଦଲଫଟା ବର୍ଷା।



ଚଳିତ ବର୍ଷ ଅଗଷ୍ଟ ୧୪ ତାରିଖରେ ଜମ୍ମୁ ଓ କାଶ୍ମୀରର କିସ୍ତୱାଡ଼ ଜିଲ୍ଲାର ଚୋସଟି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁଁ ଅଚାନକ ବାତ୍ୟା ଓ ଭୂସ୍ଖଳନ ହେଲା ଏବଂ ଏଥିରେ ୬୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ୧୬୭ ଜଣ ଆହତ ହୋଇଛନ୍ତି। ଏହା ବ୍ୟତୀତ କେତେଜଣ ନିଖୋଜ ଅଛନ୍ତି। ହିମାଳୟରେ ଥିବା ଶକ୍ତିପୀଠ ମାତାଚଣ୍ଡୀଙ୍କ ପାଖକୁ ଯାଇଥିବା ମାଚାଇଲ ମାତାଙ୍କ ବାର୍ଷିକ ଯାତ୍ରାପଥରେ ଏହି ଗ୍ରାମ ହେଉଛି ପ୍ରାରମ୍ଭ ସ୍ଥଳ। ସେଥିପାଇଁ ସେହିଦିନ ସେଠାରେ ପ୍ରାୟ ୧୨୦୦ ତୀର୍ଥଯାତ୍ରୀ ଏକାଠି ହୋଇଥିଲେ। ଏକ ଲଙ୍ଗରରେ ପ୍ରାୟ ୭୦୦ ଲୋକ ଭୋଜନ କରୁଥିବାବେଳେ ହଠାତ୍ ବନ୍ୟା ଆସି ସମସ୍ତଙ୍କୁ ଭସାଇ ନେଲା। ପୁନର୍ବାର ଅଗଷ୍ଟ ୧୭ ତାରିଖରେ ଜମ୍ମୁ ଓ କାଶ୍ମୀରର କାଠୁଆ ଜିଲ୍ଲାରେ ବାଦଲ ଫଟା ବର୍ଷା ହୋଇ ଦୁଇଟି ଗ୍ରାମରେ ଅନେକ କ୍ଷତି ହେବା ସଙ୍ଗେ ସଙ୍ଗେ ଛଅଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

ପୂର୍ବରୁ ଅଗଷ୍ଟ ୫ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ଉତ୍ତରକାଶୀ ଜିଲ୍ଲାରେ ସେହିପରି ବାଦଲଫଟା ବର୍ଷା ହୋଇ କ୍ଷୀରଗଙ୍ଗା ନଦୀରେ ଅଚାନକ ବନ୍ୟା ଆସି ଧରାଲି ଗ୍ରାମକୁ ଭସାଇ ନେଇଛି। ଏଥିରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬୯ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ସେନାବାହିନୀର କେତେଜଣ ସୈନିକ ମଧ୍ୟ ଅଛନ୍ତି। ଏଥିରେ ମଧ୍ୟ ଶତାଧିକ ବ୍ୟକ୍ତି ଆହତ ହୋଇଛନ୍ତି।

## ବାଦଲଫଟା ବର୍ଷା କ'ଣ ?

ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଖୁବ୍ କମ୍ ସମୟରେ ପ୍ରଚୁର ପରିମାଣର ବର୍ଷାକୁ ବାଦଲଫଟା ବର୍ଷା କୁହାଯାଏ। ଏହା ହେଉଛି ଜଳବାୟୁ ସମ୍ବନ୍ଧୀୟ ଏକ ପ୍ରାକୃତିକ ବିପର୍ଯ୍ୟୟ। ବିଶେଷଜ୍ଞମାନେ ଏହାର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଦେଇଛନ୍ତି। ଯଦି କୌଣସି ସ୍ଥାନରେ ଘଣ୍ଟା ପ୍ରତି ୧୦୦ ମିଲିମିଟର କିମ୍ବା ତା'ଠାରୁ ଅଧିକ ବର୍ଷା ହୁଏ, ତାକୁ ବାଦଲଫଟା ବର୍ଷା କୁହାଯାଏ। ପ୍ରବଳ ବର୍ଷା କିଛି ମିନିଟ୍‌ଠାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ କେତେକ ଦେଶରେ ଏହି ସଂଜ୍ଞାରେ କିଛି ପରିବର୍ତ୍ତନ କରାଯାଇଛି। ଉଦାହରଣସ୍ୱରୂପ, ସୁଇଡେନ୍‌ରେ ଏହାକୁ 'ଆକାଶ ପତନ' ନାମ ଦିଆଯାଇଛି। ସେମାନଙ୍କର ସଂଜ୍ଞା ଅନୁଯାୟୀ ଅଳ୍ପ ସମୟ ବୃଷ୍ଟି ନିମିତ୍ତ ଏହାକୁ ମିନିଟ୍ ପ୍ରତି ଏକ ମିଲିମିଟର ଏବଂ ଅଧିକ ସମୟ ବୃଷ୍ଟି ପାଇଁ ଘଣ୍ଟା ପ୍ରତି ୫୦ ମିଲିମିଟର ନିଆଯାଇଛି। ଏହା ସାଧାରଣତଃ କୁଆପଥର ଓ ଘଡ଼ଘଡ଼ି ସହିତ ଆସିଥାଏ। ଏହି ବାଦଲ ଭୂମିଠାରୁ ୧୫ କିମି ଉଚ୍ଚ ପର୍ଯ୍ୟନ୍ତ ଯାଇଥାଏ। ଏତେ କମ୍ ସମୟ ମଧ୍ୟରେ ଅତିବୃଷ୍ଟି ଜଳ ନିଷ୍କାସନ ପାଇଁ ଥିବା ପ୍ରାକୃତିକ ନଦୀ, ନାଳ ଆଦିର କ୍ଷମତାଠାରୁ ଅତ୍ୟଧିକ ହୁଏ ଏବଂ ଫଳରେ ଅଚାନକ ବନ୍ୟା ଆସିଥାଏ।

ବାଦଲଫଟା (Cloudburst) ନାମଟି ଏହି ଧାରଣାରୁ ଆସିଛି ଯେ , ଏହି ସମୟରେ ବାଦଲ ଗୋଟିଏ ଜଳ-ବେଲୁନ ଭଳି ଥାଏ ଏବଂ ଯେ କୌଣସି ମୁହୂର୍ତ୍ତରେ ଏହା ଫାଟି ପାରେ। ବାଦଲଫାଟି ପ୍ରବଳ ବୃଷ୍ଟିପାତ ହୋଇପାରେ।

## ହିମୀକୃତ ହ୍ରଦଜନିତ ବର୍ଷା

ଉତ୍ତରାଖଣ୍ଡର ଧରାଲି ଗ୍ରାମରେ ହୋଇଥିବା ଅଚାନକ ବନ୍ୟାକୁ ବାଦଲଫଟା ବର୍ଷା କାରଣରୁ ହୋଇଥିବାର ଆରମ୍ଭରୁ ମନେ କରାଯାଉଥିଲେ ସୁଦ୍ଧା ପରେ ଜଣାପଡ଼ିଲା ଯେ, ଏହା ହିମୀକୃତ ହ୍ରଦ ଯୋଗୁଁ ହୋଇଛି। ଭାରତୀୟ ପାଣିପାଗ ବିଭାଗର ତଥ୍ୟରୁ ଜଣାପଡ଼ିଛି ଯେ, ଏହି ଅଞ୍ଚଳରେ ୨୪ ଘଣ୍ଟା ମଧ୍ୟରେ ୧୧ ମିଲିମିଟର ବର୍ଷା ହୋଇଛି। ଏହା ବାଦଲଫଟା ବର୍ଷାର ବୈଷୟିକ ସଂଜ୍ଞାର ମୂଲ୍ୟଠାରୁ ବହୁତ କମ୍।

ହିମପ୍ରବାହର ଗଳନ ଯୋଗୁଁ ହିମୀକୃତ ହ୍ରଦ ସୃଷ୍ଟି ହୋଇଥାଏ। ଏହାର ପ୍ରାକୃତିକ ବନ୍ଧ ଯେତେବେଳେ ଜଳର ଭାର ସହ୍ୟ ନ କରି ଭାଙ୍ଗିଯାଏ, ଏଥିରୁ ପ୍ରଚୁର ପରିମାଣର ଜଳ ଆସି ଅଚାନକ ବନ୍ୟା ଓ ଭୂସ୍ଖଳନ ସୃଷ୍ଟି କରିଥାଏ। ଧରାଲି ଗ୍ରାମର ଦୁର୍ଘଟଣା ଏହିପରି ଏକ ହିମୀକୃତ ହ୍ରଦ ଯୋଗୁଁ ହୋଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥାରୁ ତଥ୍ୟ ନେଇ ଧରାଲି ବିପର୍ଯ୍ୟୟର ଏକ ପ୍ରାରମ୍ଭିକ ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇ ହିମୀକୃତ ହ୍ରଦର ପ୍ରାକୃତିକ ବନ୍ଧ ଭାଙ୍ଗିଯାଇ ଏହି ଭୟଙ୍କର ବନ୍ୟା ହୋଇଛି। ରିପୋର୍ଟ ଅନୁଯାୟୀ ଗତ ତିରିଶ ବର୍ଷ ମଧ୍ୟରେ ଛୋଟ ଓ ମଧ୍ୟମ ଧରଣର ଭୂସ୍ଖଳନ ହୋଇ ଅନେକ ହିମୀକୃତ ବରଫ ସୃଷ୍ଟି ହୋଇଛି। ଏଗୁଡ଼ିକର ଆକାର ଅଧ ହେକ୍ଟରରୁ ଦଶ ହେକ୍ଟର ପର୍ଯ୍ୟନ୍ତ ଅଛି। ଜାଗତିକ ଉଷ୍ଣତା ଯୋଗୁଁ ବରଫର ଗଳନ ହୋଇ ଏବଂ ଭୂସ୍ଖଳନ ଯୋଗୁଁ ଏହି ହ୍ରଦଗୁଡ଼ିକ ସୃଷ୍ଟି ହୋଇଛି।

ଏହା ଆମକୁ ୨୦୨୧ ମସିହାରେ ଉତ୍ତରାଖଣ୍ଡ ରାଜ୍ୟର ଚାମୋଲିର ରାଇନିଠାରେ ଘଟିଥିବା ଦୁର୍ଘଟଣାକୁ ମନେ ପକାଇଦିଏ। ଗୋଟିଏ ହିମୀକୃତ ହ୍ରଦ ଭାଙ୍ଗିଯିବାରୁ ସେଠାରେ ପ୍ରବଳ ବନ୍ୟା ହୋଇ କେତୋଟି ଗ୍ରାମ ସମେତ ଗୋଟିଏ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଭସାଇ ନେଇଥିଲା। ଏହି ବିପର୍ଯ୍ୟୟରେ ୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।







## ହିମାଳୟରେ ବାଦଲଫଟା ବର୍ଷା

ହିମାଳୟ ଅଞ୍ଚଳ ହେଉଛି ବାଦଲଫଟା ବର୍ଷା ପ୍ରବଣ ଅଞ୍ଚଳ। ଏହି ଅଞ୍ଚଳର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜାମ୍ମୁ ଓ କାଶ୍ମୀରରେ ଏହା ଅନେକ ଥର ଘଟିଛି। ଚଳିତ ଅଗଷ୍ଟ ୧୬ ତାରିଖରେ ପାକିସ୍ତାନର ଖାଇବର ପାଖତୁଖ୍ୱାଁ ପ୍ରଦେଶରେ ମଧ୍ୟ ବାଦଲଫଟା ବର୍ଷା ହୋଇ ୩୪୪ ଜଣ ମୃତ୍ୟୁବରଣ କରିଛନ୍ତି।

ଯେତେବେଳେ ବଙ୍ଗୋପସାଗର କିମ୍ବା ଆରବ ସାଗରରୁ ମୌସୁମୀ ବାଦଲ ସମତଳ ଅଞ୍ଚଳ ଦେଇ ଉତ୍ତର ଦିଗକୁ ଗତି କରି ହିମାଳୟ ଅଞ୍ଚଳକୁ ପ୍ରବେଶ କରେ, ସେତେବେଳେ ସାଧାରଣତଃ ବାଦଲଫଟା ବର୍ଷା ହୋଇଥାଏ।

ଗତ କେତେବର୍ଷ ଧରି ଏହି ବିପର୍ଯ୍ୟୟର ସଂଖ୍ୟା ବୃଦ୍ଧି ପାଇବାର କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ପୃଥିବୀର ଉଷ୍ମତା ବୃଦ୍ଧି ଯୋଗୁଁ ବରଫ ତରଳି ହ୍ରଦ ସୃଷ୍ଟି ହେଉଛି ଏବଂ ହ୍ରଦରୁ ଜଳ ବାହାରି ବନ୍ୟା ହେଉଛି। ଏହା ସାଙ୍ଗକୁ ମନୁଷ୍ୟକୃତ କାର୍ଯ୍ୟ ଏହାକୁ ତ୍ୱରାନ୍ୱିତ କରିଛି। ଏହି ଅଞ୍ଚଳରେ ଅନିୟନ୍ତ୍ରିତ ବିକାଶ ପ୍ରକୃତିର କ୍ରୋଧକୁ ଡାକି ଆଣୁଛି। ଅସ୍ଥିର ଢାଲୁ ଓ ବନ୍ୟାପ୍ରବଣ ନଦୀକୂଳରେ ନିର୍ମାଣ, ରାସ୍ତା ଓ ଜଳ ବିଦ୍ୟୁତ୍ ପ୍ରକଳ୍ପ ଆଦିର ନିର୍ମାଣ ପରିବେଶର କ୍ଷତି କରୁଛି। ପୁନଶ୍ଚ ଏହି ଅଞ୍ଚଳରେ ତୀର୍ଥସ୍ଥଳର ବିକାଶ ଓ ପର୍ଯ୍ୟଟନ ପାଇଁ ପ୍ରୋତ୍ସାହନ ଯୋଗୁଁ ଅଧିକ ଲୋକ ବିପଦ ଅଞ୍ଚଳକୁ ଯାଉଛନ୍ତି।

## ବାଦଲଫଟା ବର୍ଷାଜନିତ କ୍ଷତି

ବାଦଲଫଟା ବର୍ଷା ଅତି କମ୍ ସମୟରେ ହଠାତ୍ ସୃଷ୍ଟି ହେଉଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନେ ସମୟ ପାଆନ୍ତି ନାହିଁ। ଏହାର କ୍ଷତିଗୁଡିକ ହେଉଛି: ଘର ନଷ୍ଟ, ଲୋକ ଓ ପଶୁମାନଙ୍କ ମୃତ୍ୟୁ, ରାସ୍ତା କ୍ଷତି ଓ ଗମନାଗମନରେ ଅସୁବିଧା, ଜଙ୍ଗଲ କ୍ଷୟ, ଚାଷ ଜଳ ନଷ୍ଟ, ପୋଲ, ନଦୀବନ୍ଧ ଆଦି ନଷ୍ଟ, ଉଦ୍ଧାର ଓ ପୁନର୍ବାସ ପାଇଁ ପ୍ରଚୁର ଖର୍ଚ୍ଚ।



## ପୂର୍ବାନୁମାନ

ବାଦଲଫଟା ବର୍ଷାର ପୂର୍ବାନୁମାନ କରିବା କଷ୍ଟକର। କାରଣ ଏହା ଅତି ଛୋଟ ଅଞ୍ଚଳରେ ଘଟିଥାଏ। ବର୍ତ୍ତମାନ ଡପଲର ରାଡାର ବ୍ୟବହାର କରି ଛଅ ଘଣ୍ଟା ପୂର୍ବରୁ ଏହାର ପୂର୍ବାନୁମାନ କରାଯାଇ ପାରୁଛି। ମାତ୍ର ଏତେ କମ୍ ସମୟ ମଧ୍ୟରେ ଦୂରରେ ଥିବା ପାହାଡ଼ିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥଳକୁ ନେବା ପ୍ରଶାସନ ପକ୍ଷରେ କଷ୍ଟକର ହୋଇଥାଏ। ୧୨ ରୁ ୧୪ ଘଣ୍ଟା ପୂର୍ବରୁ ଯେପରି ଏହି ପୂର୍ବାନୁମାନ କରାଯାଇପାରିବ, ତାହାର ବ୍ୟବସ୍ଥା କରାଯାଉଛି।


## ବାଦଲ ପର୍ଯ୍ୟବେକ୍ଷଣାଗାର

ହିମାଳୟ ଅଞ୍ଚଳରେ ବାଦଲଫଟା ବର୍ଷାର ପୂର୍ବାନୁମାନ ଓ ପ୍ରତିକାର ପାଇଁ ଉତ୍ତରାଖଣ୍ଡର ଟେହରି ଜିଲ୍ଲାରେ ସ୍ୱାମୀ ରାମତୀର୍ଥ କ୍ୟାମ୍ପସରେ 'ହିମାଳୟ ବାଦଲ ପର୍ଯ୍ୟବେକ୍ଷଣାଗାର' ପ୍ରତିଷ୍ଠା ହୋଇଛି। ଏହା ବର୍ତ୍ତମାନ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏହାକୁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କାନପୁର ଆଇଆଇଟି ନିର୍ମାଣ କରିଛନ୍ତି।



## ଭାରତର ପାଞ୍ଚଟି ବୃହତ୍ତମ ବାଦଲଫଟା ବିପର୍ଯ୍ୟୟ

- **୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖ** : ହାଇଦ୍ରାବାଦ୍‌ରେ ବାଦଲଫଟା ବର୍ଷା ଯୋଗୁଁ ମୁସି ନଦୀର ଜଳସ୍ତର ୩.୪ ମିଟର ବୃଦ୍ଧି ପାଇଥିଲା। ଏଥିରେ ପ୍ରାୟ ୧୫୦୦୦ ଲୋକ ପ୍ରାଣ ହରାଇଥିଲେ ଏବଂ ୮୦୦୦୦ ଘର ନଷ୍ଟ ହୋଇଥିଲା।
- **୧୯୭୦ ମସିହା ଜୁଲାଇ ୨୦ ତାରିଖ** : ଉତ୍ତରାଖଣ୍ଡର ଅଳକାନନ୍ଦା ଉପତ୍ୟକାରେ ଜୋଶିମଠ ଓ ଚାମୋଲି ମଧ୍ୟରେ ଏଥିଯୋଗୁଁ ଗୋନା ହ୍ରଦ ଲୋପ ପାଇଲା ଏବଂ ଗୋଟିଏ ଗ୍ରାମ ସମେତ ୩୦ଟି ବସ୍ ଭାସି ଯାଇଥିଲା।
- **୨୦୦୫ ମସିହା ଜୁଲାଇ ୨୬ ତାରିଖ** : ମୁମ୍ବାଇରେ ୮ରୁ ୧୦ ଘଣ୍ଟା ମଧ୍ୟରେ ୯୫୦ ମିଲିମିଟର ବର୍ଷା ହୋଇ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।
- **୨୦୧୦ ମସିହା ଅଗଷ୍ଟ ୬ ତାରିଖ** : ଲେହଠାରେ କ୍ରମାଗତ କେତୋଟି ବାଦଲଫଟା ବର୍ଷା ହୋଇ ୭୧ଟି ଟାଉନ ଓ ଗ୍ରାମ ପ୍ରଭାବିତ ହୋଇଥିଲା। ଏଥିରେ ୨୫୫ ଜଣ ପ୍ରାଣ ହରାଇଥିଲେ ଓ ୨୦୦ ଲୋକ ନିଖୋଜ ଥିଲେ। ଏହା ବ୍ୟତୀତ ୪୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।
- **୨୦୧୩ ମସିହା ଜୁନ୍ ୧୫ ତାରିଖ** : ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ଓ ରାମ୍ବାର ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁଁ ୬୦୫୪ ଜଣ ପ୍ରାଣ ହରାଇଥିଲେ। ■



ସଂପାଦକ, ସାଇନ୍‌ସ ହୋରିଜନ, ୭୦, ଲକ୍ଷ୍ମୀ ବିହାର ଫେଜ୍-୧
ଭୁବନେଶ୍ୱର-୭୫୧୦୧୮, ମୋ: ୯୪୩୮୬୯୩୭୨୪

# ପ୍ରକୃତିର ବିସ୍ମୟକର ଭୟାବହତା



ଡକ୍ଟର ନରେନ୍ଦ୍ର ସେଠୀ

**ଜଳ ବିହୁନେ ସର୍ବନାଶ, ଜଳ ବହୁଳେ ଜୀବ ନାଶ । ଏହି ଲୋକକଥାକୁ ଅକାଟ୍ୟ ସତ୍ୟ କହିଲେ ଭୁଲ ହେବ ନାହିଁ । ବର୍ଷା ଉପରେ ମଣିଷ, ଜୀବ ଜନ୍ତୁ ଗଛ ଲତା ଓ ସକଳ ସୃଷ୍ଟି ନିର୍ଭର କରିଥାଏ । ତେବେ ଅଧିକ ବର୍ଷା ହୋଇ ବନ୍ୟା ବାତ୍ୟା ହେବା ଯୋଗୁଁ ଜୀବନହାନି ହୋଇଥାଏ । ସବୁଠାରୁ ଭୟାବହ ହେଲା ବାଦଲ ଫାଟିବା ବା କ୍ଲାଉଡ୍‌ବ୍ରଷ୍ଟ । ପ୍ରକୃତିର ଏହି ବିସ୍ମୟକର ଭୟାବହ କରୁଣ ରୂପ ମଣିଷ ପାଇଁ ବଡ଼ ବିପତ୍ତି ସୃଷ୍ଟି କରିଥାଏ । ନିକଟରେ ଉତ୍ତରାଖଣ୍ଡର ଧରାଳି ଓ କାଶ୍ମୀରର କଠୁଆରେ ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷତି କରିଥିଲା ।**

## ବର୍ଷା ହୁଏ କେମିତି

ଓଦା ଲୁଗା ଶୁଖେଇଦେଲେ କିଛି ସମୟ ପରେ ଏହା ଶୁଖିଯାଏ । ସେହିପରି ଫୁଲ କୁଣ୍ଡରେ ସବୁଦିନ ପାଣିଦେଲେ ମଧ୍ୟ ଏହା ଶୁଖିଯାଏ । ବର୍ଷାଦିନେ ନଦୀ ନାଳ ଓ ଗାଡ଼ିଆର ପାଣି ଖରାଦିନ ଆସିଲା ବେଳକୁ ଉଭେଇ ଯାଇଥାଏ । ତେବେ ଏହି ସବୁ ପାଣି ଯାଏ କୁଆଡ଼େ ? ଏହିସବୁ ପାଣି ବାଷ୍ପ ହୋଇ ପବନରେ ମିଶିଯାଏ ଓ ପବନ ସହିତ ଉଡ଼ିବୁଲେ । ତେବେ ପବନ କେତେ ମାତ୍ରାରେ ବାଷ୍ପ ଧରି ରଖି ପାରିବ, ତାହା ଏହାର ତାପମାତ୍ରା କିମ୍ବା ବାୟୁଚାପ ଉପରେ ନିର୍ଭର କରିଥାଏ । ତା'ମାନେ ହେଲା ବାୟୁ କେତେ ପରିମାଣରେ ବାଷ୍ପ ଧରି ରଖିପାରିବ ତାହାର ଏକ ନିର୍ଦ୍ଦିଷ୍ଟ ସୀମା ଅଛି । ଏହି ନିର୍ଦ୍ଦିଷ୍ଟ ବାଷ୍ପସୀମାକୁ ବର୍ତ୍ତମାନର ଉପସ୍ଥିତ ବାଷ୍ପ ପରିମାଣ (ଆର୍ଦ୍ରତା) ସହିତ ତୁଳନା କରି ଆପେକ୍ଷିକ ଆଦ୍ରତା ବା ରିଲେଟିଭ ହ୍ୟୁମିଡିଟି ଭାବରେ ପ୍ରକାଶ କରାଯାଇଥାଏ । ତେଣୁ ନଦୀର ପାଣି, ଶୁଖେଇଥିବା ଓଦା ଲୁଗାର ପାଣି ଓ ଫୁଲ କୁଣ୍ଡର ପାଣି ସବୁ ବାଷ୍ପୀଭୂତ ହୋଇ ପବନରେ ଆର୍ଦ୍ରତା ସୃଷ୍ଟି କରନ୍ତି । ତେବେ ଅଧିକ ତାପମାତ୍ରା ହେଲେ ଅଧିକ ଜଳ ବାଷ୍ପୀଭୂତ ହୋଇଥାଏ । ବାଷ୍ପୀଭୂତ ଜଳ ପବନ ସହିତ ମିଶି ଉଡ଼ି ବୁଲିବାକୁ ଲାଗେ । ଏହି ବାଷ୍ପ ମିଶ୍ରିତ ବାୟୁ ଏହାର ନିକଟ ପରିବେଶରେ ଥିବା ବାୟୁଠାରୁ ଅପେକ୍ଷାକୃତ ସମ୍ପ୍ରସାରିତ ଓ ହାଲୁକା ହୋଇଥିବାରୁ ଏହା ଉପରକୁ ଉପରକୁ ଉଠିବାକୁ ଲାଗେ । ଆମେ ବାୟୁ ମଣ୍ଡଳରେ ଯେତେ ଉପରକୁ ଯିବା ତାପମାତ୍ରା ଧୀରେ ଧୀରେ କମିବାକୁ ଲାଗେ । ଫଳରେ ବାଷ୍ପ ମିଶ୍ରିତ ପବନ ଥଣ୍ଡା ହେବାକୁ ଲାଗେ । ଏହାର ଆପେକ୍ଷିକ ଆର୍ଦ୍ରତା ବଢ଼ିବାକୁ ଲାଗେ ବା ବାଷ୍ପ ଧରି ରଖିବାର କ୍ଷମତା କମିବାକୁ ଲାଗେ । ପାଣିପାଗ ସୂଚନାରେ ସବୁଠାରୁ ବଡ଼ ଜିନିଷ ଏହି ଆପେକ୍ଷିକ ଆର୍ଦ୍ରତା ହୋଇଥାଏ । ଏହାର ପରିମାଣ ବାୟୁମଣ୍ଡଳରେ ଶତକଡ଼ା ଯେତେ ଅଧିକ ହେବ ବର୍ଷା ହେବାର ସମ୍ଭାବନା ସେତେ ଅଧିକ ହୋଇଥାଏ । ତାପମାତ୍ରା କମିବା ଯୋଗୁଁ ଆପେକ୍ଷିକ ଆଦ୍ରତା ବଢ଼ି ଶତକଡା ଶହେରେ ପହଞ୍ଚିବା ମାତ୍ରେ ଏହା ଘନୀଭୂତ ହୋଇଯାଏ ଓ ବର୍ଷା ହୁଏ ।





## ବାଦଲ ଫାଟିବା

ବାଦଲ ଫାଟିବା ବା କ୍ଲାଉଡ୍‌ବ୍ରଷ୍ଟ ଏକ ଅପ୍ରତ୍ୟାଶିତ ଘଟଣା । ଖୁବ୍ କମ୍ ସମୟ ଭିତରେ ଏକ ସୀମିତ ଇଲାକାରେ ଅଧିକ ପରିମାଣରେ ହଠାତ୍ ବର୍ଷା ହୋଇଯିବା ଘଟଣାକୁ ବାଦଲ ଫାଟିବା କୁହାଯାଏ । ସାଧରଣ ଭାବରେ କିଛି ବର୍ଗ କିଲୋମିଟର ଭିତରେ ଅତି କମ୍‌ରେ ୧୦୦ ମିଲିମିଟର ପ୍ରତି ଘଣ୍ଟା ବର୍ଷା ହେବାକୁ କ୍ଲାଉଡ୍‌ବ୍ରଷ୍ଟ ଭାବେ ବିବେଚନା କରାଯାଇଥାଏ । ଏହାର ଅର୍ଥ ହେଲା ହଠାତ୍ ୧୦୦୦୦୦ ମେଟ୍ରିକ ଟନ୍ ପାଣିକୁ ଏକ ବର୍ଗ କିଲୋମିଟର ଅଞ୍ଚଳରେ ହଠାତ୍ ଢ଼ାଳି ଦେବା ସହିତ ସମାନ । ଏହାକୁ ଲୋକ ଭାଷାରେ ବାଦଲ ଫାଟିଯିବା କୁହାଯାଏ ।



## ବାଦଲ ଫାଟିବାର କାରଣ

ବାଷ୍ପ ମିଶ୍ରିତ ଆର୍ଦ୍ର ପବନର ଗତି ପଥରେ ଉଚ୍ଚ ପାହାଡ଼ ପର୍ବତ ଆସିଲେ ଏହା ଅଚାନକ ଉପରକୁ ଉଠିଥାଏ । ଫଳରେ ତାପମାତ୍ରା କମିବା ଯୋଗୁଁ ହଠାତ୍ ବାଷ୍ପ ମିଶ୍ରିତ ବାୟୁ ଘନୀଭୂତ ହେବାକୁ ଲାଗେ । ଏକା ସଙ୍ଗେ ବର୍ଷି କ୍ଲାଉଡ୍‌ବ୍ରଷ୍ଟ କରିଥାଏ । ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ବାୟୁ ମଣ୍ଡଳର ଚାପ ଓ ତାପମାତ୍ରାରେ ପରିବର୍ତ୍ତନ ହେବା ଯୋଗୁଁ ମଧ୍ୟ ବାଷ୍ପ ମିଶ୍ରିତ ବାୟୁ କ୍ଷିପ୍ର ଗତିରେ ଉପରକୁ ଉଠିବାକୁ ଲାଗେ । ଅଳ୍ପ ସମୟ ମଧ୍ୟରେ ଘନୀଭୂତ ହୋଇ ସୀମିତ ଅଞ୍ଚଳରେ ପ୍ରବଳ ବର୍ଷା କରାଇଥାଏ । ତେଣୁ ବାଦଲଫଟାର ମୁଖ୍ୟ କାରଣ ଭିତରେ ଅଞ୍ଚଳର ତାପମାତ୍ରା ଓ ବାୟୁ ଚାପରେ ପରିବର୍ତ୍ତନ, ପାହାଡ଼ ପର୍ବତର ଭଳି ଉଚ୍ଚ ଅବରୋଧ ଓ ଗ୍ଲୋବାଲ ୱାର୍ମିଙ୍ଗ ଯୋଗୁଁ ଜଳ ବାୟୁରେ ଅପ୍ରତ୍ୟାଶିତ ହେବା ପରିବର୍ତ୍ତନ ଆଦି ଅଟେ । ■



ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର,
ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାରଖଣ୍ଡ -୮୩୨୧୦୨, ମୋ: ୭୦୦୪୦୬୮୧୧୦

# ଭୀଷଣ ପ୍ରାକୃତିକ ବିପର୍ଯ୍ୟୟ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଗତ ଅଗଷ୍ଟ ୧୪ ତାରିଖ ୨୦୨୫ ଦିନ ଜମ୍ମୁ ଏବଂ କାଶ୍ମୀର ସ୍ଥିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ କିସ୍ତୱାଡ଼ ଜିଲ୍ଲା ଅନ୍ତର୍ଗତ ଚୋସଟି ଗ୍ରାମରେ ଘଟି ଯାଇଛି ଏକ ଦାରୁଣ ପ୍ରାକୃତିକ ବିପର୍ଯ୍ୟୟ। ସେଦିନ ମଧ୍ୟାହ୍ନରେ ହଠାତ୍ ଏଠାରେ ଘଟିଲା ବାଦଲଫଟା ବର୍ଷା ଏବଂ ଖୁବ୍ ଶୀଘ୍ର ଏହାକୁ ଅନୁସରଣ କରି ଆସିଲା ପ୍ରଳୟଙ୍କରୀ ବନ୍ୟା। ସେଥିସହିତ କେତେକ ସ୍ଥାନରେ ଭୂସ୍ଖଳନ ମଧ ହେଲା। ଫଳରେ ସରକାରୀ ଆକଳନ ଅନୁସାରେ ୬୫ ରୁ ଅଧିକ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହିତ ପ୍ରାୟ ୫୦୦ ଜଣ ଆହତ ହୋଇଛନ୍ତି। ସେପଟେ ବହୁ ଲୋକ ଏବେ ବି ନିଖୋଜ ରହିଛନ୍ତି। ସେହିପରି ଉତ୍ତର-ପଶ୍ଚିମ ପାକିସ୍ତାନରେ ଏହାର ପୁନରାବୃତ୍ତି ଘଟିଛି। ଏଥିରେ ବିପୁଳ ଧନଜୀବନ କ୍ଷତି ଘଟିବା ସହିତ ପ୍ରାୟ ୧୫୭ ଜଣଙ୍କର ମୃତ୍ୟୁ ଏବଂ ପ୍ରାୟ ୨୫୦ ଜଣ ଲୋକ ନିଖୋଜ ଥିବାର ଜଣାପଡ଼ିଛି।

## ବାଦଲଫଟା ବର୍ଷା

ସଂଜ୍ଞା ଅନୁସାରେ ବାଦଲଫଟା ବର୍ଷା ହେଉଛି ହଠାତ୍ ଆସି ଯାଉଥିବା ଏକ ଝଡ଼ବର୍ଷା, ଯହିଁରେ ୧ ଘଣ୍ଟାରୁ କମ୍ ସମୟ ମଧ୍ୟରେ ପ୍ରାୟ ୧୦ ବର୍ଗ କିଲୋମିଟରରୁ କମ୍ ଅଞ୍ଚଳରେ ୧୦ ସେଣ୍ଟି ମିଟରରୁ ଅଧିକ ବୃଷ୍ଟିପାତ ହେବା। ଏଥି ସହିତ କରକାପାତ ଏବଂ ଘନ ଘନ ବିଜୁଳି ଓ ଘଡ଼ ଘଡ଼ି ମଧ ମାରିଥାଏ। ସାଧାରଣତଃ ଏହା ପାର୍ବତ୍ୟ ଅଞ୍ଚଳରେ ଅଧିକ ହୁଏ, ଯେପରି ଘଟୁଛି ଆମ ଦେଶର ହିମାଳୟ ତଥା ଆଖପାଖ ଅଞ୍ଚଳରେ। ଭାରତୀୟ ଉପମହାଦେଶରେ ବାଦଲ ଫଟା ବର୍ଷା ଅଧିକ ସଂଖ୍ୟାରେ ଘଟିଥାଏ, ଯେତେବେଳେ ମୌସୁମୀ ବାଦଲ ବଙ୍ଗୋପ ସାଗର କିମ୍ବା ଆରବ ସାଗରରୁ ସମତଳ ଅଞ୍ଚଳ ଅତିକ୍ରମ କରି ହିମାଳୟ ନିକଟରେ ପହଞ୍ଚେ। ଏଣୁ ଆମ ଦେଶରେ ଅଧିକାଂଶ ଏ ପ୍ରକାର ବୃଷ୍ଟିପାତ ଏହିଠାରେ ହିଁ ଘଟେ।

## କାରଣ

ବାଦଲଫଟା ବର୍ଷାର ପ୍ରଥମ ଆବଶ୍ୟକତା ହେଲା ଜଳୀୟ ବାଷ୍ପଭରା ବାୟୁ, ଯେପରିକି ସମୁଦ୍ର ମହାସମୁଦ୍ର ଆଡୁ ପ୍ରବାହିତ ମୌସୁମୀ ବାୟୁ। ଏ ସମୟରେ ବାୟୁ ମଣ୍ଡଳର ଅସ୍ଥିର ଅବସ୍ଥା ଏ ବାୟୁକୁ ଉର୍ଦ୍ଧ୍ୱଗାମୀ କରେ। ଏ କାଳରେ ବାଦଲ ଦ୍ରୁତଗତିରେ ବୃଦ୍ଧି ପ୍ରାପ୍ତ ହେବାକୁ ଲାଗେ ଏବଂ ତନ୍ମଧ୍ୟରେ ଜଳକଣା ଅଧିକ ଘନୀଭୂତ ହୁଏ। ତପ୍ରରେ ତାହା ପର୍ବତ ସହିତ ଧକ୍କା ଖାଇ ଉପରକୁ ଗତି କରି ଚାଲେ। ଏ ସମୟରେ ତହିଁରେ ଉଷ୍ମବାୟୁ ମିଶିବାକୁ ଲାଗେ ଏବଂ ତାହା ଘନୀଭୂତ ହୁଏ। ସେଥିରୁ ଉତ୍ପନ୍ନ ହୁଏ ବଡ଼ ବଡ଼ ଜଳକଣା। ଅତଏବ ତାହା ହଠାତ୍ ଭୂପତିତ ହୁଏ ବାଦଲ ଫଟା ବର୍ଷା ରୂପେ।

ଆର୍ଦ୍ରବାୟୁ ପର୍ବତ ସହିତ ଧକ୍କା ଖାଇ ଉର୍ଦ୍ଧ୍ୱଗାମୀ ହେବା ପ୍ରକ୍ରିୟାକୁ କୁହାଯାଏ 'ଓରୋଗ୍ରାଫିକ୍ ଉତ୍ତୋଳନ"। ସେହିପରି ଜଳୀୟ ବାଷ୍ପଧାରୀ ଶୀତଳ ବାୟୁର ବାଦଲ ସହିତ ଉଷ୍ମ ବାୟୁର ପ୍ରବାହ ମିଶି ତହିଁରେ ଜଳ ଘନୀଭୂତ ହେବାକୁ "ଲଂଗମୁଇର୍ ପ୍ରଭାବ" ରୂପେ ନାମିତ କରାଯାଇଛି। ଏ ସମୟରେ ଛୋଟ ଛୋଟ ବିନ୍ଦୁଗୁଡ଼ିକ ମିଳିତ ହୋଇ ବଡ଼ ବଡ଼ ଜଳ ବିନ୍ଦୁମାନ ସୃଷ୍ଟ କରନ୍ତି। ଫଳରେ ତାହାର ଓଜନ ବୃଦ୍ଧି ପାଏ ଏବଂ ତାହା ଭୂପତିତ ହେବାକୁ ଲାଗେ।

ସାଧାରଣତଃ ବାଦଲଫଟା ବର୍ଷା ହୋଇଥାଏ କୁମୁଲୋନିମ୍ବସ୍ (Cumulonimbus) ଶ୍ରେଣୀର ବାଦଲରୁ। ଏ ବାଦଲଗୁଡ଼ିକ ଉଚ୍ଚ ଏବଂ ଭୂ-ଲମ୍ବ ଆକାରର, ଝଡ଼ବର୍ଷା ଅତ୍ୟଧିକ ବୃଷ୍ଟିପାତ, ପ୍ରଚଣ୍ଡ ବାୟୁ ପ୍ରବାହ ଏବଂ ଏପରିକି ଟର୍ନାଣ୍ଡୋ ସହିତ ମଧ ସଂପୃକ୍ତ। ଏହା ସୃଷ୍ଟି ହୁଏ ଯେତେବେଳେ ଉତ୍ତପ୍ତ ଆର୍ଦ୍ରବାୟୁ ଦ୍ରୁତଗତିରେ ଉର୍ଦ୍ଧ୍ୱଗାମୀ ହୁଏ ଏବଂ ଶୀତଳ ହୋଇ ଘନୀଭୂତ ହେବାକୁ ଲାଗେ, ବାୟୁ ମଣ୍ଡଳର ଅସ୍ଥିରତା ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଏହା ଅଧିକାଂଶ ସମୟରେ "ଟ୍ରୋପୋପଜ୍' (Tropopause) ପର୍ଯ୍ୟନ୍ତ ଅର୍ଥାତ୍ ବାୟୁମଣ୍ଡଳର ୮ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାଏ।

ଏଠାରେ ସୂଚନାଯୋଗ୍ୟ ଯେ, ବାଦଲଫଟା ବର୍ଷା ପାଇଁ ଏକ ଉପଯୁକ୍ତ ବାଦଲକୁ ପାହାଡ଼ ପର୍ବତ ଭଳି ସୁଉଚ୍ଚ କଠିନ ପିଣ୍ଡରେ ଧକ୍କା ଖାଇବା ସବୁବେଳେ ଅତ୍ୟାବଶ୍ୟକ ନୁହେଁ। ଏକ ଉତ୍ତପ୍ତ ଜଳୀୟ ବାଷ୍ପ ଶୀତଳ ବା ନିମ୍ନ ତାପରେ ଥିବା ଜଳୀୟ ବାଷ୍ପଧାରୀ ବାଦଲ ସହିତ ମିଶିଲେ ହଠାତ୍ ଘନୀକରଣ ଘଟିଥାଏ। ଫଳରେ ବଡ଼ ବଡ଼ ଜଳବିନ୍ଦୁ ସୃଷ୍ଟି ହୋଇ ଏ ପ୍ରକାର ବର୍ଷାର କାରଣ ମଧ ହୋଇପାରେ ।



ବାଦଲଫଟା ବର୍ଷାର ସହଚର ହେଉଛି ଭୂସ୍ଖଳନ ଓ ପ୍ରଖର ସ୍ରୋତର ବନ୍ୟା।

## ଭୂସ୍ଖଳନ

ପାହାଡ଼ ପର୍ବତ ଭଳି ଉଚ୍ଚସ୍ଥାନରୁ ଶିଳାଖଣ୍ଡ, ମୃତ୍ତିକା ଏବଂ ଅନ୍ୟାନ୍ୟ ପଦାର୍ଥ କୌଣସି କାରଣ ଯୋଗୁଁ ଅଧିକ ମାତ୍ରାରେ ତଳକୁ ଖସିବା ହେଲା ଭୂସ୍ଖଳନ। ଏହା ଘଟିବାର କାରଣଗୁଡ଼ିକ ହେଲା ଅତ୍ୟଧିକ ବୃଷ୍ଟିପାତ, ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ, ଜଳ କ୍ଷରଣ, ସ୍ଥାନଟିର ଗଡ଼ାଣି, ଅରଣ୍ୟକ୍ଷୟ, ନିର୍ମାଣ କାର୍ଯ୍ୟ ଆଦି ମନୁଷ୍ୟ କୃତ କାର୍ଯ୍ୟକଳାପ।

ଆମ ଦେଶର ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ହେଲା ଉତ୍ତର-ପୂର୍ବ ହିମାଳୟ, ଉତ୍ତର-ପଶ୍ଚିମ ହିମାଳୟ, ପଶ୍ଚିମ ଘାଟ ପର୍ବତମାଳା, କୋଙ୍କଣର ପର୍ବତମାଳା ଏବଂ ପୂର୍ବଘାଟ ପର୍ବତମାଳା, ଯାହାକି ଏହାର ଭୂଭାଗର ୧୨.୬ ଶତାଂଶ। ଉଦାହରଣ ସ୍ୱରୂପ, ୨୦୨୪ ମସିହାରେ କେରଳର ୱେନାଡ୍ ଏବଂ ୨୦୧୩ ମସିହାରେ ଉତ୍ତରାଖଣ୍ଡର କେଦାରନାଥଠାରେ ଭାରିବର୍ଷା ଯୋଗୁଁ ଏଭଳି ଘଟଣା ଘଟି ହଜାର ହଜାର ଲୋକଙ୍କର ପ୍ରାଣ ନେଲା।





## ପ୍ରଖର ସ୍ରୋତର ବନ୍ୟା

ପ୍ରଖର ସ୍ରୋତର ବନ୍ୟା ବା "ଫ୍ଲାସ୍ ଫ୍ଲଡ୍" ଅତ୍ୟଧିକ ଅଥଚ ବାଦଲଫଟା ବର୍ଷାର ପରେ ପରେ, ପ୍ରାୟ ୬ ଘଣ୍ଟା ମଧ୍ୟରେ ଆସିଥାଏ। ଏଥିରେ ଜଳସ୍ତର ହଠାତ୍ ବଢ଼ି ଯାଏ ଏବଂ ସ୍ରୋତ ପ୍ରଖର ହୁଏ। ତେବେ ଅଳ୍ପ କିଛି ସ୍ଥାନ ମଧ୍ୟରେ ତଥା କମ୍ ସମୟ ପାଇଁ ଘଟିଥାଏ। ଅତ୍ୟଧିକ ବୃଷ୍ଟିପାତ ବ୍ୟତୀତ ହଠାତ୍ ତାପମାତ୍ରା ବୃଦ୍ଧି ହେତୁ ବରଫ ତରଳିବା ମଧ ଏହାର କାରଣ ହୋଇପାରେ । ଉଚ୍ଚ ସ୍ଥାନରେ ଥିବା ତୁଷାରପୂର୍ଣ୍ଣ ହ୍ରଦ କିମ୍ବା ଆନିକଟ ଆଦିର ବନ୍ଧ ହଠାତ୍ ଭାଙ୍ଗିଯିବା ଯୋଗୁଁ ଏହା ହୋଇପାରେ। ପର୍ବତାଞ୍ଚଳ ଭଳି ପରିବେଶ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଗୃହ, ରାସ୍ତାଘାଟ ଆଦି ନିର୍ମାଣ, ଭୂମି ଖନନ, ବନ ବିଧ୍ୱଂସ ଆଦିକୁ ଏହାର ଦୀର୍ଘକାଳୀନ କାରଣ ରୂପେ ଦର୍ଶାଯାଉଛି।



ଆମ ଦେଶରେ ଏହା ୧୯୦୮ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏ ବିପର୍ଯ୍ୟୟ ପ୍ରାୟ ୧୩-୫ ଟି ଘଟିଥିବାର ରେକର୍ଡ ରହିଛି । ତେବେ ସେଗୁଡ଼ିକ ମଧ୍ୟରେ ଚଳିତ ଏକବିଂଶ ଶତାବ୍ଦୀରେ ଘଟିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାଦଲ ଫଟା ବର୍ଷାର କ୍ଷୟକ୍ଷତି ସଂପର୍କରେ ଜାଣିବା ।

୧ ୨୦୦୫ ମସିହାରେ ଜୁଲାଇ ୭ ତାରିଖରେ ମୁମ୍ବାଇଠାରେ ଘଟିଥିବା ବାଦଲଫଟା ବର୍ଷା ପ୍ରାୟ ୮/୧୦ ଘଣ୍ଟା ମଧ୍ୟରେ ୯୫୦ ମିଲି ମିଟର ବର୍ଷା ହୋଇଥିଲା । ଫଳରେ ସମଗ୍ର ନଗରୀ ଅଚଳ ହୋଇପଡ଼ିଥିଲା । ଏହି ପ୍ରାକୃତିକ ବିପ୍ାତ ଯୋଗୁଁ ପ୍ରାୟ ୧୦୦୦ ଲୋକଙ୍କ ଜୀବନହାନି ଘଟିଥିଲା ।

୨ ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲେହଠାରେ ବାଦଲଫଟା ବର୍ଷା ଯୋଗୁଁ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା ।

୩ ୨୦୧୧ ମସିହା ସେପ୍ଟେମ୍ବର ୧୫ ତାରିଖରେ ଦିଲ୍ଲୀ ବିମାନ ବନ୍ଦରଠାରେ ପ୍ରବଳ ବୃଷ୍ଟିପାତ ଯୋଗୁଁ ସଂପୂର୍ଣ୍ଣ ଅଞ୍ଚଳଟି ଜଳମଗ୍ନ ହୋଇଥିଲା । ଫଳରେ ବିପୁଳ କ୍ଷୟକ୍ଷତି ଘଟିଥିଲେ ହେଁ କାହାରି ମୃତ୍ୟୁ ହୋଇ ନଥିଲା ।

୪ ୨୦୧୩ ମସିହା ଜୁନ୍ ୧୫ ତାରିଖ କେଦାରନାଥ ଏବଂ ରୁଦ୍ର ପ୍ରାୟାଗର ରାମ୍ବାରା ଅଞ୍ଚଳରେ ବାଦଲଫଟା ବର୍ଷା ମୃତ୍ୟୁର ତାଣ୍ଡବ ଲୀଳା ରଚିଥିଲା । ଏହି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାୟ ୫୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା । ସେପଟେ ହଜାର ହଜାର ଲୋକ ନିଖୋଜ ହୋଇଯାଇଥିଲେ । ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା ।

୫ ୨୦୧୪ ସେପ୍ଟେମ୍ବର ୬ ତାରିଖ କାଶ୍ମୀର ଉପତ୍ୟକାରେ ବାଦଲଫଟା ବର୍ଷା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ଜୀବନହାନି ହୋଇଥିଲା ।

୬ ୨୦୧୫ ଡିସେମ୍ବର ୨ ତାରିଖରେ ଚେନ୍ନାଇଠାରେ ଘଟିଥିବା ବାଦଲଫଟା ବର୍ଷାରେ ୪୯୪ ମିଲି ମିଟର ବର୍ଷା ହୋଇ ବନ୍ୟା ସୃଷ୍ଟି ହୋଇଥିଲା । ଫଳରେ ୪୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ।

୭ ୨୦୨୩ ମସିହା ଡିସେମ୍ବର ୮ ତାରିଖରେ ତାମିଲନାଡୁର ଥୁଥୁକୁଡ଼ିଠାରେ ୯୪ ମିଲି ମିଟର ଏବଂ ତିରୁନେଲ୍‌ଭେଲିଠାରେ ୬୩୬ ମିଲି ମିଟର ବର୍ଷା ହୋଇଥିଲା । ଫଳରେ ହଠାତ୍ ଆସିଥିଲା ବନ୍ୟା । ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା । ସେଭଳି ୧ ହଜାରରୁ ଅଧିକ ଲୋକ ନିଖୋଜ ହୋଇଯାଇଥିଲେ ।

୮ ୨୦୨୪ ମସିହା ଜୁଲାଇ ୩୦ ତାରିଖରେ କେରଳର ୱାନାଡ଼ଠାରେ ଘଟିଥିବା ପ୍ରାକୃତିକ ଦୁର୍ବିପାକର ସ୍ମୃତି ଏବେ ବି ମନରୁ ଲିଭି ନାହିଁ । ବାଦଲ ଫଟା ବର୍ଷା, ଭୂସ୍ଖଳନ ଓ ପର୍ବତର କିଛି ଅଂଶରେ ଭୁଶୁଡ଼ି ପଡ଼ିବା ହେତୁ ୨୫୪ ଜଣଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୩୯୭ ଜଣଙ୍କର ଗୁରୁତର ଆହତ ହୋଇଥିବାବେଳେ ୧୧୮ ଜଣ ନିଖୋଜ ହୋଇଯାଇଥିଲେ ।

ଏସବୁ ବ୍ୟତୀତ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ଉତ୍ତରାଖଣ୍ଡର ଅନେକ ସ୍ଥାନରେ, ୨୦୨୫ ମସିହାରେ ଅଗଷ୍ଟ ୫ ତାରିଖ ଦିନ ଉତ୍ତର କାଶୀ ଅଞ୍ଚଳରେ ଏବଂ ୨୦୨୫ ମସିହା ଅଗଷ୍ଟ ୧୪ ତାରିଖ ଜମ୍ମୁ ଓ କାଶ୍ମୀରରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷା, ତତ୍‌କ୍ଷଣାତ୍ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବହୁ ଧନଜୀବନହାନି ଘଟିଥିଲା ।

## ବାଦଲଫଟା ବର୍ଷାର ବିଭୀଷିକା

ବାଦଲଫଟା ବର୍ଷାକୁ ବିରଳ କୁହାଯାଉଥିଲେ ହେଁ ଏହା ଏବେ ବାରମ୍ବାର ଘଟୁଛି, ସମଗ୍ର ବିଶ୍ୱରେ, ବିଶେଷ କରି ଆମ ଦେଶରେ । ସେଥିମଧ୍ୟରୁ କେତୋଟି ଅତ୍ୟନ୍ତ ବିପର୍ଯ୍ୟୟକାରୀ ବାଦଲଫଟା ବର୍ଷ ମଧ୍ୟରେ ରହିଛି ୧୯୭୫ ମସିହାରେ ଚାଇନାର ହେନାନ୍‌ଠାରେ, ୧୯୭୦ ମସିହାରେ ଫ୍ରାନ୍‌ସର ଗୁଆଡେଲୋ ଉପ- ଦ୍ୱୀପପୁଞ୍ଜରେ, ୧୯୬୬ ମସିହାରେ ଫ୍ରାନ୍‌ସର ଲା' ରିୟୁନିଅନ୍ ଦ୍ୱୀପପୁଞ୍ଜ ଏବଂ ୧୯୪୭ ମସିହାରେ ଆମେରିକାର ମିଶୋରୀଠାରେ । ଏଗୁଡ଼ିକରେ ଯଥାକ୍ରମେ ୬ ଘଣ୍ଟାରେ ୮୩୦ ମିଲି ମିଟର, ୧ ମିନିଟ୍‌ରେ ୩୮.୧୦ ମିଲି ମିଟର, ୪୨ ମିନିଟ୍‌ରେ ୩୦୪.୮୦ ମିଲି ମିଟର ଏବଂ ୧୨ ଘଣ୍ଟାରେ ୧, ୧୪୪ ମିଲି ମିଟର ବୃଷ୍ଟିପାତ ହୋଇଥିଲା ।





## ବାଦଲଫଟା ବର୍ଷାର ଚିହ୍ନଟ ଏବଂ ଆଗତ ସୂଚନା

ବର୍ତ୍ତମାନ ପାଣିପାଗ ଏବଂ ବୃଷ୍ଟିପାତ ସଂପର୍କରେ ଆଗତ ସୂଚନା ପାଇଁ ବିବିଧ କୃତ୍ରିମ ଉପଗ୍ରହ ବହୁଳ ଭାବେ ବ୍ୟବହାର କରାଯାଉଛି । ତେବେ ସେଥିରୁ ମିଳୁଥିବା ସୂଚନାରୁ ବାଦଲଫଟା ବର୍ଷା ସଂପର୍କରେ କିଛି ଜାଣିପାରିବା ସମ୍ଭବ ହୋଇପାରୁ ନାହିଁ । କାରଣ ଏହା ହଠାତ୍ ଘଟୁଛି ଏବଂ ଏହା ଘଟୁଥିବା ଅଞ୍ଚଳକୁ କୃତ୍ରିମ ଉପଗ୍ରହ ସହଜରେ ନିରୀକ୍ଷଣ କରିପାରୁ ନାହିଁ । ଏଣୁ ସେଥିପାଇଁ ବିଶେଷ ଧରଣର ବ୍ୟବସ୍ଥାର ବିକାଶ ଲାଗି ଉଦ୍ୟମ ହେଉଛି ।

ଏପରି ସ୍ଥଳେ ବାଦଲଫଟା ବର୍ଷା ଓ ତଦ୍‌ଜନିତ ଭୂସ୍ଖଳନ ବା ପ୍ରଖର ସ୍ରୋତ ବନ୍ୟାରୁ ସୁରକ୍ଷା ଦେବା ସମ୍ଭବ ହୋଇପାରି ନାହିଁ । ତେବେ ଏହା ବାରମ୍ବାର ଘଟୁଥିବା ଅଞ୍ଚଳର ପରିବେଶକୁ ସୁରକ୍ଷା ପ୍ରଦାନ, ସେଠାରେ ବ୍ୟାପକ ବୃକ୍ଷରୋପଣ ଏବଂ ମନୁଷ୍ୟକୃତ କାର୍ଯ୍ୟକଳାପ ବନ୍ଦ କରାଯାଇପାରିଲେ ଏହା ପୌନ ପୌନିକତା ହ୍ରାସ ପାଆନ୍ତା । ଜାଗତିକ ଉଷ୍ଣତା ବୃଦ୍ଧି ମଧ୍ୟ ଏହାର ଅନ୍ୟତମ କାରଣ, ଯାହାକୁ ପ୍ରତିହତ କରିବା ପାଇଁ ଏକ ବିଶ୍ୱସ୍ତରୀୟ ଉଦ୍ୟମ ଚାଲିଛି । ■





ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର-୭୫୧୦୩୦, ମୋ: ୯୯୩୭୩୦୧୪୬୦



# ବାଦଲଫଟା ବିପ୍ଳାତ





ନିକୁଞ୍ଜ ବିହାରୀ ସାହୁ

୨୦୨୫ ଅଗଷ୍ଟ ୧୪ ତାରିଖ ଦିନ ଜମ୍ମୁ ଓ କାଶ୍ମୀରର ମଚେଲ ମାତା ମନ୍ଦିରକୁ ଯିବା ମାର୍ଗରେ କିସ୍ତୱାଡ଼ା ଜିଲ୍ଲାର ସମୁଦ୍ର ପଉନରୁ ୯୫୦୦ ଫୁଟ ଉର୍ଦ୍ଧ୍ୱରେ ଥିବା ଚୋସଟି ଗ୍ରାମ ନିକଟରେ ବାଦଲ ଫାଟିବା କାରଣରୁ ୬୫ରୁ ଅଧିକ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି । ସେହିପରି ଶତାଧିକ ବ୍ୟକ୍ତି ଆହତ ହୋଇଛନ୍ତି । ସେଭଳି ଗତ ୨୦୨୨ ମସିହା ଜୁଲାଇ ୮ ତାରିଖ ଦିନ ଜମ୍ମୁ-କାଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଥିଲେ । ଅନେକ ଅସ୍ଥାୟୀ ଶିବିର, ଭୋଜନାଳୟ ଓ ଲାଙ୍ଗରର ତମ୍ବୁ ପାଣିରେ ଭାସି ଯିବା ଫଳରେ ଅମରନାଥ ଯାତ୍ରାକୁ ଅସ୍ଥାୟୀ ରୂପେ ସ୍ଥଗିତ କରିବାକୁ ପଡ଼ି ଥିଲା । ସେହିପରି ୨୦୨୪ ଜୁଲାଇ ୩୧ ତାରିଖ ଏବଂ ୨୦୨୫ ଅଗଷ୍ଟ ୫ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ହିମାଳୟ ପାର୍ବତ୍ୟ ଅଞ୍ଚଳରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ଧନଜୀବନର ବ୍ୟାପକ କ୍ଷତି ଘଟିଥିଲା । ତେବେ ପ୍ରଶ୍ନ ଉଠେ ବାଦଲ ଫାଟିବା କ'ଣ? ସତରେ କ'ଣ ବେଳେବେଳେ ବାଦଲ ଫାଟିଯାଏ ? ଏହା ଘଟିଥାଏ କିପରି, ଇତ୍ୟାଦି ଇତ୍ୟାଦି ?



## ବାଦଲ ଫାଟିବା କ'ଣ?

ଅତି ସୀମିତ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ । କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି । ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ , ଆକାଶର ବାଦଲ ଏକ ଜଳ ଭର୍ତ୍ତି ବେଲୁନ୍ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସି ପଡ଼େ । ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା (Cloud Bursting) ବୋଲି କୁହାଯାଉଥିଲା । ବାଦଲ ଫାଟିବାର ପ୍ରକୃତ କାରଣ ଅଲଗା ହୋଇଥିଲେ ସୁଦ୍ଧା. ପୂର୍ବର ଏହି ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି ।

ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ତୀଖ ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ୍ୟ ହୁଏ, ଏହା ଅଚାନକ ପ୍ରସାରିତ ହୋଇ ଶୀତଳତା ସୃଷ୍ଟି କରେ । ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ । ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତର ସଂଘାତରେ ତଳେ ଖସି ନପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ । ଜଳୀୟବାଷ୍ପ ଭରା ଏହି ବିଶାଳ ପିଣ୍ଡ କିନ୍ତୁ ବାସ୍ତବରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ ଅଟେ । ସମୟକ୍ରମେ, ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ପିଣ୍ଡର ସମସ୍ତ ଜଳକଣା ଏକାବେଳକେ ତଳକୁ ଖସି ପଡ଼ିଥାଏ ଓ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ ।





## ଭାରତରେ ପ୍ରଳୟଙ୍କରୀ ବାଦଲ ଫଟା ଘଟଣା

୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁଁ ତେଲେଙ୍ଗାନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା । ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସି ଯାଇଥିଲା । ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଳକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ ଟି ସେତୁ, ୩୦ ଟି ତୀର୍ଥଯାତ୍ରୀ ବସ୍ ସମେତ ଏକ ବସ୍ତୀ ସମ୍ପୂର୍ଣ୍ଣ ଭାସି ଯାଇଥିଲା । ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଳା ଜିଲ୍ଲାର ଚିଦଗାଓଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ ବାଦଲ ଫାଟିବା ଯୋଗୁଁ ଭୂସ୍ଖଳନ ଘଟି ବହୁ କୈଳାଶ-ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ୨୦୦୩ ମସିହା ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଢ଼ଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା । ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁଁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ସମୟ ମଧ୍ୟରେ ୯୫୦ ମି.ମି. ବୃଷ୍ଟିପାତ ହୋଇଥିଲା ଯାହାଦ୍ୱାରା ୧୦୦୦ ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇ ଥିଲେ । ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲ୍ଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରାଇ ଥିଲେ । ୨୦୧୦ ମସିହା ସେପ୍ଟେମ୍ବର ମାସରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡ଼ାଠାରେ ବାଦଲ ଫାଟିବା ଯୋଗୁଁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲା । ଅଧିକାଂଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା । ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା । ୨୦୧୩ ମସିହା ଜୁନ୍ ମାସରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା । ୨୦୧୮ ମସିହା ମଇ ମାସରେ ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲ୍ଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇ ପଡ଼ିଥିଲା । ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଜମ୍ମୁ-କାଶ୍ମୀରର କିସ୍ତୱାଡ଼ା ଜିଲ୍ଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ।

## ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ପାର୍ଥକ୍ୟ କ'ଣ?

କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧରଣତଃ ମିଲିମିଟର ( ମି.ମି.) ଏକକରେ ପ୍ରକାଶ କରାଯାଏ । ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ । ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା (Light Rain), ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା (Moderate Rain), ୧୦ ମି.ମି. ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା (Heavy rain) ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ( Violent Rain) ବୋଲି କୁହାଯାଏ ଓ ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ ଓ ଅର୍ଥାତ, କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା (Heavy Rain) ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ ।


ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟଲାଣ୍ଟିକ ମହାସାଗରର କାରିବିଆନ୍ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପ (Guadeloupe)ର ବସେ-ଟେରେ (Basse-Terre) ଦ୍ୱୀପରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବୃଷ୍ଟିପାତ ରେକର୍ଡ କରାଯାଇଥିଲା ।





## ହିମାଳୟ ଅଞ୍ଚଳ ବାଦଲଫଟା ପ୍ରବଣ କାହିଁକି ?

ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ । ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର । ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧା ପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରେ । କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ ।



ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ଅଧିକ ତଥା ବାରମ୍ବାର ବୃଦ୍ଧି ପାଉ ଥିବାର ପରିଲକ୍ଷିତ ହେଉଛି । ପ୍ରକୃତିର ଏହି ବିଗିଡ଼ା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରା ଯାଉଛି । ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁଁ ଜଳର ବାଷ୍ପୀଭବନ ପ୍ରକ୍ରିୟା ତ୍ୱରାନିତ ହେଉଛି । ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମା ହୋଇ ବାଦଲଫାଟିବା ଘଟଣାର କାରଣ ହେଉଛି । ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ବାଦଲ ଫାଟିବା ଘଟଣା ଏକ ପ୍ରାକୃତିକ ବିପ୍ୱାତ । ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଚାନକ ବନ୍ୟା ଆସେ ଏବଂ ଘରଦ୍ୱାର ପାଣିରେ ଭସେଇ ନିଏ । ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ । ମାତ୍ର ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇ ପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ । କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏଥି ନିମନ୍ତେ ଏକମାତ୍ର ପ୍ରତିକାର ବ୍ୟବସ୍ଥା । ■

ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର , ଭୁବନେଶ୍ୱର
ମୋ: ୮୦୧୮୭୦୮୮୫୮


# ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ




**ଉତ୍ତରାଖଣ୍ଡରେ ଦିନକୁ ଦିନ ବାଦଲଫଟା ଘଟଣା ବଢ଼ିବାରେ ଲାଗିଛି । ବିଶେଷ କରି ଗତ ୧୦ ବର୍ଷ ହେଲା ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯାହା ଭୂ- ବିଜ୍ଞାନୀ, ପରିବେଶବିତ୍ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ତେବେ ୨୦୧୩ ମସିହାରେ ଉତ୍ତରାଖଣ୍ଡର କେଦାରନାଥ ଧାମରେ ବାଦଲଫଟା ବର୍ଷା ଯୋଗୁଁ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା, ପ୍ରକୃତିର ସେଇ ତାଣ୍ଡବକୁ ଏବେ ବି ଲୋକେ ଭୁଲି ପାରିନାହାନ୍ତି । ବଦାଲଫଟିବା କାରଣରୁ ଲଗାଣ ବର୍ଷାର ବିପ୍ରାତ ଉଜାଡ଼ି ଦେଇଥିଲା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶକୁ । ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲା । ଶ୍ମଶାନ ଭୂମି ପାଲଟିଗଲା ପବିତ୍ର କେଦାରନାଥ ପୀଠ । ଉତ୍ତରାଖଣ୍ଡରେ ବାଦଲଫଟା ଘଟଣାକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ ।**

## ୨୦୨୫ରେ ପ୍ରକୃତିର ବିଭୀଷିକା

ଉତ୍ତରାଖଣ୍ଡରେ ପ୍ରତିବର୍ଷ ପ୍ରକୃତିର ତାଣ୍ଡବ ସାଧାରଣ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଥାଏ । ପ୍ରକୃତିର କୋପରେ ଥରହର ହୋଇଉଠୁଛନ୍ତି ଉତ୍ତରାଖଣ୍ଡର ପାହାଡ଼ି ଅଞ୍ଚଳର ଅଧିବାସୀ । ୨୦୨୫ ମସିହା ଜୁଲାଇ ମାସରେ ଚମୋଲି ଜିଲ୍ଲା ନନ୍ଦା ନଗର ବ୍ଲକ୍ ଅନ୍ତର୍ଗତ ଶେରା ଗାଁ ନିକଟରେ ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ବହୁ ଘରଦ୍ୱାର, ଦୋକାନ ଗୃହ ପ୍ରବଳ ପାଣି ସ୍ରୋତରେ ଭାସି ଯାଇଥିଲା । ଯେତେବେଳେ ଗ୍ରାମବାସୀମାନେ ବାଦଲଫଟାର ଶବ୍ଦ ଶୁଣିଲେ ଭୟରେ ଘର ଭିତରୁ ବାହାରି ଜୀବନ ବଞ୍ଚାଇବା ପାଇଁ ଉପର ଜଙ୍ଗଲକୁ ପଳାଇ ଯାଇଥିଲେ । ସେମାନଙ୍କ ଜୀବନ ସିନା ବଞ୍ଚିଗଲା, କିନ୍ତୁ ବର୍ଷା ସେମାନଙ୍କ ଘର, ଗୋଶାଳା ଆଦି ଭସାଇ ନେଇଗଲା । ଉଜୁଡ଼ି ଗଲା ଅନେକ ଲୋକଙ୍କ ଜୀବନଜୀବିକା । ସେହିପରି ୨୦୨୫ ମସିହା ଅଗଷ୍ଟ ମାସରେ ମଧ୍ୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଓ ହର୍ଷିଲରେ ବାଦଲଫଟିବା ଯୋଗୁଁ ଭୟର ବାତାବରଣ ଖେଳି ଯାଇଥିଲା । ବ୍ୟାପକ ସଂପତ୍ତି ନଷ୍ଟ ହେବା ସହିତ କେତେ ଜଣଙ୍କ ଜୀବନ ଦୀପ ମଧ୍ୟ ଲିଭିଗଲା । ୫୦ରୁ ଅଧିକ ଲୋକ ନିଖୋଜ ହୋଇଗଲେ । ଅନେକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରତିବର୍ଷ ବାଦଲଫଟା ବର୍ଷା ଲୋକଙ୍କ ଭିତରେ ଭୟର ବାତାବରଣ ଖେଳାଇ ଦିଏ ।





## ୨୦୧୩ରେ କେଦାରନାଥରେ ବାଦଲଫଟା

୨୦୧୩ ମସିହା ଜୁନ୍ ୧୬ ତାରିଖ । ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଅବସ୍ଥିତ କେଦାରନାଥରେ ବାଦଲଫାଟି ରାତିରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା । ସାରା ରାତି ଲଗାଣ ବର୍ଷା ଯୋଗୁଁ ମନ୍ଦାକିନୀ ନଦୀରେ ବନ୍ୟା ସୃଷ୍ଟି ହେଲା । ଆଖପାଖ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଭୟଙ୍କର ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଲା । ବନ୍ୟା ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ମଣିଷ, ଘରଦ୍ୱାର, ଗଛ ସବୁକିଛିକୁ ଭସାଇ ନେଲା । ପ୍ରାଣ ବଞ୍ଚାଇବାକୁ ଲୋକେ ଚିତ୍କାର କରୁଥିଲେ । ତଥାପି ପାଣିର ଗର୍ଜନ ଓ ପବନର ତୀବ୍ର ବେଗରେ ସେ ଚିତ୍କାର କୁଆଡ଼େ ଉଭେଇ ଯାଉଥିଲା । ପ୍ରାୟ ୩୦ ଫୁଟ୍ ଉଚ୍ଚତାର ପାଣିରେ ଲହଡ଼ି ଭାଙ୍ଗୁଥିଲା । ରାସ୍ତାରେ ଯାହା କିଛି ଥିଲା ପାଣି ସ୍ରୋତରେ ଭାସିଗଲା । ବଡ଼ ବଡ଼ କୋଠା, ହୋଟେଲ, ଗେଷ୍ଟ ହାଉସ୍‌ଗୁଡ଼ିକ ମାଟିରେ ମିଶିଗଲା ।

୨୦୧୩ ଜୁନ୍ ୧୭ । ବନ୍ୟା ପରେ ଅଧିକ ଅସୁବିଧା ସୃଷ୍ଟି କଲା ଭୂସ୍ଖଳନ । ଭୂସ୍ଖଳନ ଯୋଗୁଁ ପ୍ରଭାବିତ ହେଲା ପବିତ୍ର କେଦାରନାଥ ପୀଠ । ମାଟି ଅତଡ଼ା ଖସି ବିଭିନ୍ନ ସ୍ଥାନରେ ରାସ୍ତା ବନ୍ଦ ହୋଇଗଲା । ବଡ଼ ବଡ଼ ପଥରଖଣ୍ଡ ଖସିପଡ଼ି ରାସ୍ତା ଅବରୋଧ ହୋଇଗଲା । ହଜାର ହଜାର ତୀର୍ଥଯାତ୍ରୀ, ପର୍ଯ୍ୟଟକ ଫସିଗଲେ ରାସ୍ତାରେ । ଯେଉଁ ସବୁ ସ୍ଥାନରେ ଲୋକେ ପାଣି ଘେରରେ ରହିଯାଇଥିଲେ, ଜୁନ୍ ୧୮ ଓ ୧୯ ତାରିଖରେ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହେଲା । ସଡ଼କ ମାର୍ଗରେ ରାସ୍ତା ଦବି ଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ଅସୁବିଧା ସୃଷ୍ଟି ହେଉଥିଲା । ତଥାପି ସେମାନଙ୍କ ପାଖକୁ ହେଲିକପ୍ଟର ମାଧ୍ୟମରେ ରିଲିଫ୍ ସାମଗ୍ରୀ ପହଞ୍ଚାଗଲା । ଉଦ୍ଧାର କାର୍ଯ୍ୟ ସମୟରେ ଦେଖିବାକୁ ମିଳିଲା ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ଅନେକ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ମୃତ ଶରୀର । ଭାରତୀୟ ବାୟୁସେନା, ନୌସେନା, ଭାରତୀୟ ସେନା ଓ କେନ୍ଦ୍ରୀୟ ଅର୍ଦ୍ଧସୈନିକ ବଳର ମିଳିତ ଉଦ୍ୟମରେ ଫସି ରହିଥିବା ଏକ ଲକ୍ଷରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଗଲା । ଏହି ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା, ନୌସେନା, ବାୟୁସେନାରୁ ପ୍ରାୟ ୧୦ ହଜାରରୁ ଅଧିକ ସେନା ନିୟୋଜିତ ହୋଇଥିଲେ । ସେହିପରି ୫୦ରୁ ଅଧିକ ହେଲିକପ୍ଟର ଓ ବିମାନ ନିୟୋଜିତ ହୋଇଥିଲା ।

୨୦୧୩ ମସିହାରେ କେଦାରନାଥବାସୀଙ୍କୁ ବାଦଲଫଟା ବର୍ଷା ଯୋଗୁଁ ପ୍ରଳୟଙ୍କାରୀ ବନ୍ୟାର ସାମ୍ନା କରିବାକୁ ପଡ଼ିଥିଲା । ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତକଙ୍କ ସଂଖ୍ୟା ୫୭୦୦ରୁ ଅଧିକ ବୋଲି ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । ତେବେ ବେସରକାରୀ ଭାବେ ମୃତକଙ୍କ ସଂଖ୍ୟା ୬୦୦୦ରୁ ଅଧିକ ବୋଲି କୁହାଯାଏ । ତେବେ ମୃତ୍ୟୁ ସଂଖ୍ୟା ଏ ପର୍ଯ୍ୟନ୍ତ ସଠିକ୍ ଭାବେ ଆକଳନ କରାଯାଇପାରି ନାହିଁ । ୧୦ ହଜାରରୁ ଅଧିକ ଲୋକ ନିଖୋଜ ହୋଇଗଲେ । ସେମାନଙ୍କର କୌଣସି ପତ୍ତା ମିଳିଲା ନାହିଁ ।

### ପ୍ରମୁଖ ଘଟଣା

- ୧୯୫୨ ମସିହାରେ ଉତ୍ତରାଖଣ୍ଡରେ ଏକ ବଡ଼ ବାଦଲଫଟା ଘଟଣା ସାମ୍ନାକୁ ଆସିଥିଲା । ଏହି ସମୟରେ ପୌଡ଼ି ଜିଲ୍ଲାରେ ବାଦଲଫାଟିବା ଯୋଗୁଁ ବ୍ୟାପକ ବର୍ଷା ହୋଇ ନୟାର ନଦୀରେ ବନ୍ୟା ସୃଷ୍ଟି ହୋଇଥିଲା । ଫଳରେ ସତପୁଲିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।
- ୧୯୫୧ ମସିହାରେ ରୁଦ୍ରପ୍ରୟାଗ ଜିଲ୍ଲାରେ ଡଡୁଆ ଗାଁରେ ବାଦଲଫଟା ବର୍ଷାରେ ଭୂସ୍ଖଳନ ଯୋଗୁଁ ପୂରା ଗାଁରେ ଦବି ଯାଇଥିଲା ।
- ୧୯୭୫ ମସିହା ପରଠାରୁ ପ୍ରତିବର୍ଷ ବାଦଲଫଟା ଘଟଣା ହେବାରେ ଲାଗିଲା । ପ୍ରତିବର୍ଷ ୧୫ରୁ ୨୦ ଟି ଘଟଣା ଦେଖିବାକୁ ମିଳୁଛି । ■




# ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା


ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲା ଅନ୍ତର୍ଗତ ଚୋସଟି ଗାଁରେ ରହିଛି ମଚୈଲ ମାତା ମନ୍ଦିର। ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାତାଙ୍କ ଦର୍ଶନ ପାଇଁ ଆସନ୍ତି। ହେଲେ ଚଳିତ ବର୍ଷ ଏହି ଧାର୍ମିକ ସ୍ଥଳୀରେ ବାଦଲଫଟା ବର୍ଷା ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ବାଦଲଫଟା ବର୍ଷା ହେଉଛି, ସ୍ୱଳ୍ପ ସମୟ ମଧ୍ୟରେ ବିପୁଳ ପରିମାଣର ବୃଷ୍ଟିପାତ। ଏହା ବର୍ଷା ସହିତ କୁଆପଥର, ବଜ୍ରପାତ ଏପରିକି ଭୂସ୍ଖଳନ ଓ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ଅଗଷ୍ଟ ୧୪, ୨୦୨୫ ମସିହା ଗୁରୁବାର ଦିନ ୧୧.୩୦ ସମୟରେ ପ୍ରାକୃତିକ ପରିବେଶରେ ସାଧାରଣ ଜୀବନଯାତ୍ରାଠାରୁ ଆରମ୍ଭ କରି ସବୁ କିଛି ଠିକ୍‌ଠାକ୍ ଚାଲିଥିବାବେଳେ ଅଚାନକ ଏମିତି ବାଦଲଫଟା ବର୍ଷା ଆରମ୍ଭ ହୋଇଥିଲା। ଏହାର ପ୍ରକୋପକୁ ଦେଖି ଲୋକେ ଜୀବନ ବଞ୍ଚାଇବାକୁ ସୁରକ୍ଷିତ ସ୍ଥାନକୁ ଦୌଡ଼ିବାକୁ ଲାଗିଥିଲେ। ହେଲେ ପ୍ରକୃତିର କୋପ ସଂପୂର୍ଣ୍ଣ ଗ୍ରାସ କରିଦେଲା ମଚୈଲ ତୀର୍ଥ ସ୍ଥଳକୁ। ଶିବିରର ଜିନିଷପତ୍ର, ତମ୍ବୁ, ଗାଡ଼ି ମୋଟର ପ୍ରଖର ସ୍ରୋତରେ ଭାସି ଗଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୩୦୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପତ୍ତା ମିଳିନାହିଁ। କାହାର ଘରେ ପାଣି ପଶିଗଲା ତ କେଉଁଠି ରେଳ ଟ୍ରାକ୍, ଜାତୀୟ ରାଜପଥ ଗୁରୁତର ଭାବେ ପ୍ରଭାବିତ ହେଲା। ପାଣିରେ ଫସିଥିବା ଲୋକଙ୍କୁ ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ମାଣିକମରା ଗାଁର ସିଆଇଏସ୍‌ଏଫ୍ ଯବାନ ମନୋଜ ବିଶ୍ୱାଳଙ୍କ ପରଲୋକ ହୋଇଥିଲା।

ପ୍ରଥମେ ସୁ ସୁ ଗର୍ଜନ କରି ପବନ ବହିବା ଆରମ୍ଭ କଲା। ହଠାତ୍ ବାଦଲଫଟା ବର୍ଷା ହେଲା, ଆଉ ତା' ପରେ ଜନବସତି ଆଡ଼କୁ ଅଜସ୍ର ପାଣି ପଶିଗଲା। କ୍ଷଣିକ ଭିତରେ ଭସାଇ ନେଇଗଲା ସବୁକିଛି। ମହିଳା, ବୃଦ୍ଧବୃଦ୍ଧା, ଶିଶୁ ସମସ୍ତେ ଜୀବନ ରକ୍ଷା ପାଇଁ ଚିତ୍କାର କରୁଥିଲେ। ହେଲେ କେହି କିଛି କରିପାରିଲେ ନାହିଁ। ଆଖି ପିଛୁଳାକେ ନଷ୍ଟ ହୋଇଗଲା ବ୍ୟାପକ ଧନଜୀବନ। ଏହା କୌଣସି ସିନେମା ବା କାଳ୍ପନିକ କାହାଣୀର ଦୃଶ୍ୟ ନୁହେଁ, ବରଂ ନିକଟରେ ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା ଯୋଗୁଁ ଏପରି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ କାହିଁକି ଜମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷା ବାରମ୍ବାର ହେଉଛି, ଏହାପଛରେ କ'ଣ ରହିଛି କାରଣ, ତାହାକୁ ନେଇ ଏହି ଆଲେଖ୍ୟ।

## ପିଛାଛାଡୁନି ବାଦଲଫଟା ବର୍ଷା

୨୦୨୩ ମସିହାରେ ଜମ୍ମୁ-କାଶ୍ମୀର କିସ୍ତୱାଡ଼ ଜିଲ୍ଲାରେ ବାଦଲଫାଟି ଲଗାଣ ବର୍ଷା ଯୋଗୁଁ ଘରଦ୍ୱାର, ଗଛ, ବଡ଼ ବଡ଼ କୋଠା, ହୋଟେଲ, ଗେଷ୍ଟ ହାଉସ୍‌ଗୁଡ଼ିକ ମାଟିରେ ମିଶିଗଲା। ସେହିପରି ୨୦୨୧ ମସିହା ଜୁଲାଇ ୨୮ ତାରିଖରେ ଜମ୍ମୁ-କାଶ୍ମୀର, କିସ୍ତୱାଡ଼ ଜିଲ୍ଲା ଦଛନ ଅଞ୍ଚଳରେ ଅଚାନକ ବାଦଲଫଟା ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଥିଲା। ଭୂସ୍ଖଳନ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଥିଲା। ଅନେକଙ୍କ ଜୀବନ ଚାଲିଥିବାବେଳେ ଆଉ କିଛି ଗୁରୁତର ଆହତ ହୋଇଥିଲେ। ଗାନ୍ଦରବଲ ଜିଲ୍ଲା, ରାମବନ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଘର, ଫସଲ, ରାସ୍ତା, କୋଠା ଆଦି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଅନେକ ଲୋକ ପ୍ରାଣ ହରାଇ ଥିଲେ। ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଦୂରସଞ୍ଚାର ସେବା ଠପ୍ ହୋଇଯାଇଥିଲା। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ।





## ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ

ବିଶେଷଜ୍ଞଙ୍କ କହିବାନୁସାରେ, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି, ଚରମ ପାଣିପାଗ ଢାଞ୍ଚାର ପୂର୍ବାନୁମାନ କରିବାର ବିଫଳତା, ଜଙ୍ଗଲ କ୍ଷୟ ଓ ବ୍ୟାପକ ପରିବେଶ ଅବକ୍ଷୟ କାରଣରୁ ଭାରତରେ ବାଦଲଫଟା ବର୍ଷା ଏବେ ଦିନକୁ ଦିନ ବଢ଼ିଥିବାବେଳେ ଜମ୍ମୁ-କାଶ୍ମୀର ଏଥିରୁ ବାଦ୍ ପଡ଼ିନି। ଆଉ କିଛି ବିଶେଷଜ୍ଞ ପଶ୍ଚିମ ବାୟୁ ଏବଂ ମୌସୁମୀ ଏକକାଳୀନ ସକ୍ରିୟ ହେବା ଯୋଗୁଁ ଏହି ସମସ୍ୟା ଉପୁଜୁଥିବା ମତବ୍ୟକ୍ତ କରିଛନ୍ତି। ତେବେ ବାଦଲ ଫାଟିବାର ସଠିକ୍ ଆକଳନ କରିବା ମୁସ୍କିଲ ହୋଇଥିବାବେଳେ ଡପଲର ରାଡାର୍ ପ୍ରଣାଳୀ ଏଥିରେ ସାହାଯ୍ୟ କରିପାରିବ ବୋଲି ଭୂବିଜ୍ଞାନୀମାନ ମତ ଦିଅନ୍ତି। ■





## କାଠୁଆରେ ବାଦଲଫଟା ବର୍ଷା

କିସ୍ତୱାଡ଼ ପରେ ପରେ କଠୁଆ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। ରାଜବାଗ ଅଞ୍ଚଳର ଦୁର୍ଗମ ଘାଟି ଅଞ୍ଚଳରେ ରାଜପଥ କ୍ଷତିଗ୍ରସ୍ତ ହେବା ସହ ୪ ଜଣଙ୍କର ମୃତ୍ୟୁ ହୋଇଥଲା। ଅନେକ ଆହତ ହୋଇଥିଲେ। ବର୍ଷା ଯୋଗୁଁ ସ୍ଥାନୀୟ ଉଝ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା। କାଠୁଆ ଅଞ୍ଚଳର ବଗାର୍ଡ, ଚାଙ୍ଗଦା, ଦିଲୱାନ-ହୁଟଲି ଗାଁରେ ମଧ୍ୟ ଭୂସ୍ଖଳନ ହୋଇଥିଲା।

ସେହିପରି ୨୦୨୫ରେ ଏପ୍ରିଲ ୨୦ ତାରିଖରେ ଜମ୍ମୁ-କାଶ୍ମୀର, ରାମବନ ଜିଲ୍ଲା, ଚମ୍ବା ସେରୀ ନିକଟସ୍ଥ ଜାତୀୟ ରାଜପଥ (ଏନ୍‌ଏଚ୍‌୪୪)ରେ ଭୂସ୍ଖଳନ ହୋଇଥିଲା। ଏହା ସାଧାରଣ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଥିଲା। ପ୍ରକୃତିର କୋପରେ ଅଚାନକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୧୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସେ ସମୟରେ ଜାତୀୟ ରାଜପଥରେ ଯାତାୟାତକୁ ବନ୍ଦ କରିଦିଆଯାଇଥିଲା।



# କେରଳ

# ବାଦଲଫଟା ବର୍ଷା ଓ ବନ୍ୟା ବିପ୍ଳୁତ



**ସମ୍ପ୍ରତି ବାଦଲଫଟା ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ବିପର୍ଯ୍ୟୟ ମାନ ସାମ୍ନାକୁ ଆସୁଛି । ବାଦଲଫଟା ବର୍ଷା ହେଉଛି ଏକ ପ୍ରାକୃତିକ ବିପର୍ଯ୍ୟୟ, ଯେଉଁଥିରେ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ପ୍ରବଳ ବର୍ଷା ହୁଏ ଏବଂ ନଦୀ, ନାଳରେ ଜଳସ୍ତର ବୃଦ୍ଧି ପାଏ । ଏହା ଯୋଗୁଁ ଅଚାନକ ବନ୍ୟା ଓ ଭୂସ୍ଖଳନ ଭଳି ଭୟଙ୍କର ଘଟଣା ଘଟିଥାଏ । ବାଦଲଫଟା ବର୍ଷା ଯୋଗୁଁ କେରଳ ମଧ୍ୟ ବିଭିନ୍ନ ସମୟରେ ବହୁ କ୍ଷୟକ୍ଷତିକୁ ସାମ୍ନା କରିଛି । ସେହିପରି ଆଗାମୀ ଦିନରେ ଉତ୍ତରକାଶୀ ଭଳି କେରଳରେ ମଧ୍ୟ ବାଦଲଫଟା ବର୍ଷା ଆଶଙ୍କା ରହିଥିବାରୁ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି । ତେବେ କେରଳରେ କାହିଁକି ଅଧିକ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ ଏବଂ ବିଭିନ୍ନ ସମୟରେ ଭୀଷଣ ବର୍ଷା ଯୋଗୁଁ ଦେଖା ଦେଇଥିବା ବନ୍ୟା ବିପ୍ଳୁତକୁ ନେଇ ଏହି ଉପସ୍ଥାପନା ।**

## ବର୍ଷା ଓ ବନ୍ୟାର ବିପ୍ଳୁତ

୧୯୨୪ ମସିହାରେ ଭୀଷଣ ବର୍ଷା ଯୋଗୁଁ ସବୁଠୁ ଭୟଙ୍କର ବନ୍ୟା ଦେଖା ଦେଇଥିଲା । ସେତେବେଳେ ୬୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ତ୍ରାଭଣକୋର, କୋଚିନ ଏବଂ ମାଲାବାରର ଅନେକ ଅଂଶ ଜଳମଗ୍ନ ହୋଇ ଅଧିକ ପ୍ରଭାବିତ ହୋଇଥିଲା । ହଜାର ହଜାର ଲୋକ ବାସହୀନ ହୋଇଥିଲେ । ରାସ୍ତାଘାଟ ଧୋଇଯିବା ସହ ପୋଲ ଭୁଶୁଡ଼ି ପଡ଼ିଲା । ଘର ପାଣିରେ ଭାସିଗଲା । ଏପରିକି ଖାଦ୍ୟ କି ବସ୍ତ୍ର ମଧ୍ୟ ଲୋକଙ୍କୁ ମିଳି ନ ଥିଲା । ତେଣୁ ଏହାକୁ 'ଗ୍ରେଟ୍ ଫ୍ଲଡ୍ ଅଫ୍ ୯ ୯' ବୋଲି କୁହାଯାଏ । ସେତେବେଳେ ମହାତ୍ମା ଗାନ୍ଧୀ ତାଙ୍କ ଖବରକାଗଜ 'ୟଙ୍ଗ ଇଣ୍ଡିଆ' ଏବଂ 'ନବଜୀବନ'ରେ କେରଳ ବନ୍ୟା ସମ୍ପର୍କରେ ପ୍ରକାଶ କରିଥିଲେ । ସେ ସମୟରେ ଇଂରେଜଙ୍କ ହାତରେ ଶାସନ କ୍ଷମତା ଥିଲେ ବି ଗାନ୍ଧୀ ଦେଶରୁ ୬ ହଜାର ଟଙ୍କା ଆଦାୟ କରି କେରଳକୁ ସାହାଯ୍ୟ କରିଥିଲେ । ସେତେବେଳେ ୬୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ତେବେ ୧୯୨୪ ମସିହା ପରେ ମୁଷଳଧାରା ବର୍ଷା ଯୋଗୁଁ ୨୦୧୮ ମସିହାରେ ଭୟଙ୍କର ବନ୍ୟା ଆସିଥିଲା । ଏହା ଯୋଗୁଁ ୧୩ ଜିଲ୍ଲା ପ୍ରଭାବିତ ହୋଇଥିଲା । ମୌସୁମୀ ବର୍ଷା ଯୋଗୁଁ ପ୍ରବଳ ବର୍ଷା ହୋଇଥିଲା । ଏହି ପ୍ରାକୃତିକ ବିପର୍ଯ୍ୟୟରେ ୪୮୩ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ବୟସ୍କ, ମହିଳା, ଛୋଟ ପିଲାମାନେ ଏଭଳି ସ୍ଥାନରେ ଫସି ରହିଥିଲେ ଯେ, ଡଙ୍ଗା ପହଞ୍ଚିବା ବି ସମ୍ଭବ ନ ଥିଲା । ଶେଷରେ କେନ୍ଦ୍ର ସରକାର ୨୦୧୮ ବନ୍ୟାକୁ 'ଡିଜାଷ୍ଟର ଅଫ୍ ସିରିଏସ୍ ନେଚର୍' ଘୋଷଣା କରିଥିଲେ ।

## ବିପଦ ପ୍ରତି ସତର୍କ ଚେତାବନୀ

ଉତ୍ତରକାଶୀର ବିପର୍ଯ୍ୟୟ ପରେ ଅନେକ ପରିବେଶ ଗବେଷକମାନେ କେରଳରେ ବାଦଲଫଟା ବର୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷକରି କେରଳର ପାହାଡ଼ିଆ ଅଞ୍ଚଳକୁ ବାଦଲଫଟା ବର୍ଷାକୁ ସାମ୍ନା କରିବାକୁ ପଡ଼ିପାରେ । କାରଣ ଏଠାରେ ଅବୈଧ ନିର୍ମାଣ ଏବଂ ଖନନ କାର୍ଯ୍ୟ ଜାରି ରହିଛି । ସେଥିପାଇଁ ଏଭଳି କିଛି ସମସ୍ୟା ଆଗାମୀ ଦିନରେ ଦେଖା ଦେଇପାରେ । ୱାୟାନାଡ଼, କୋଜିକୋଡ଼, ମଲାଲାପୁରମ୍, ଇଡୁକି, କୋଟାୟାମ ଏବଂ ପଠାନମିତ୍ର ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ଭୂସ୍ଖଳନ ମାମଲା ସାମ୍ନାକୁ ଆସେ ।

## ପ୍ରାକୃତିକ ବିପର୍ଯ୍ୟୟର କାରଣ

ପ୍ରାକୃତିକ ସୁନ୍ଦରତାରେ ଭରପୂର କେରଳ ତା'ର ଭୌଗୋଳିକ ସ୍ଥିତି ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥାଏ । କେରଳ ସରକାରଙ୍କ ୨୦୧୯ ରିପୋର୍ଟ ଅନୁଯାୟୀ, ସମୁଦ୍ର କୂଳ ଏବଂ ପଶ୍ଚିମଘାଟ ପର୍ବତମାଳାର ଢାଲୁ ନିକଟରେ ଥିବାରୁ ଏହା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହିଥାଏ । ସମୁଦ୍ର କୂଳ ପାଖାପାଖି ରହିବାରୁ ଏଠାରେ ବନ୍ୟା ସବୁଠୁ ସାଧାରଣ ବିପଦ ବୋଲି କୁହାଯାଏ । ଉକ୍ତ ରିପୋର୍ଟ ଅନୁସାରେ, ଏଠାକାର ୧୪ ପ୍ରତିଶତ ଭାଗରେ ବନ୍ୟା ଆସିବାର ସମ୍ଭାବନା ଅଧିକ । କିଛି ଅଞ୍ଚଳରେ ଏହି ସଂଖ୍ୟା ୫୦ ପ୍ରତିଶତ ଅଧିକ ହୋଇଥାଏ । ୨୦୧୯ ମସିହାରେ ୱାୟାନାଡ଼ର କୁରିଚିଆମାଲା ଅଞ୍ଚଳରେ ୪୦୦୦ ମିମି ବର୍ଷା ହୋଇଥିଲା । କେରଳ ଚା' ବଗିଚା ଲାଗି ପରିଚିତ ଥିଲେ ବି ଗଛ ଏବଂ ଉଦ୍ଭିଦର ପ୍ରଜାତି ହ୍ରାସ ପାଇବା ଯୋଗୁଁ ଜଙ୍ଗଲ ହ୍ରାସ ପାଇଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାରେ ମଧ୍ୟ ପରିବର୍ତ୍ତନ ଆସିଛି । ଯାହା ଯୋଗୁଁ ଢାଲୁ ଅଞ୍ଚଳରେ ଭୂସ୍ଖଳନ ବୃଦ୍ଧି ପାଉଛି । ମୌସୁମୀ ଋତୁରେ ୱାୟାନାଡ଼ରେ କେତେବେଳେ ୨୦୦୦ ମିଲିମିଟରୁ ଅଧିକ ବର୍ଷା ହୁଏ । ଫଳରେ ଭୂସ୍ଖଳନ ଓ କ୍ଷୟକ୍ଷତି ଘଟେ ।





ସେହିପରି ୨୦୧୯ ମସିହାରେ ବର୍ଷା ଓ ବନ୍ୟାର ଆଉ ଏକ ବିପ୍ଳୁତ ଦେଖିବାକୁ ମିଳିଥିଲା । ପ୍ରବଳ ବର୍ଷା ଯୋଗୁଁ ୱାୟାନାଡ ପୁଥୁମାଳରେ ଭୂସ୍ଖଳନ ହୋଇଥିଲା । ଫଳରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୨୦୨୧ ମସିହାରେ ଲଗାଣ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା । ଏହା ଦ୍ୱାରା ଇଡ୍ଡୁକକି ଏବଂ କୋଟ୍ଟାୟମ ଜିଲ୍ଲାର ୩୫ ଜଣଙ୍କ ମୃତ୍ୟୁ ହୋଇଥିଲା । ତେବେ ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଭୀଷଣ ବର୍ଷା ଓ ବନ୍ୟା ଯୋଗୁଁ ୫୩ ଲୋକ ପ୍ରାଣ ହରାଇଥିଲେ । ତେବେ ଏହାର ବର୍ଷକ ପରେ ୨୦୨୨ ଅଗଷ୍ଟରେ ଭୂସ୍ଖଳନ ଏବଂ ଅଚାନକ ବନ୍ୟା ଯୋଗୁଁ ୧୮ ଜଣ ପ୍ରାଣ ହରାଇ ଥିଲେ । ସେହିପରି ୨୦୨୪ ମସିହାରେ ଅତ୍ୟଧିକ ବର୍ଷା ଯୋଗୁଁ ୱାୟାନାଡ଼ ଜିଲ୍ଲାରେ ସିରିଜ୍ ଭୂସ୍ଖଳନ ଦେଖା ଦେଇଥିଲା । ପଞ୍ଚିରିମାଟମ୍, ମୁଣ୍ଡାକ୍କାଇ, ଚୋରାଲମାଲା ଏବଂ ଭେଲାରିମାଲା ଗାଁରେ ଏହାର ଭୟାନକ ପ୍ରଭାବ ଦେଖିବାକୁ ମିଳିଥିଲା । ୪୨୦ରୁ ଅଧିକ ଲୋକ ପ୍ରାଣ ହରାଇ ଥିଲେ । ■










# ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷାର ବିଭୀଷିକା

**ବନ୍ୟା, ବାତ୍ୟା, ଭୂସ୍ଖଳନ ଭଳି ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଚିତ । ତେବେ ଏହି ସମସ୍ୟା ଏବର ନୁହେଁ, ହିମାଚଳ ପ୍ରଦେଶ ଭଳି ପାହାଡ଼ିଆ ଅଞ୍ଚଳରେ ଏଭଳି ଘଟଣା ପ୍ରତିବର୍ଷ ଦେଖିବାକୁ ମିଳିଥାଏ । ତେବେ ଏହାର ଭୌଗୋଳିକ ସ୍ଥିତି ବାଦଲଫଟା ବର୍ଷା ପାଇଁ ଅନୁକୂଳ ବୋଲି କୁହାଯାଏ । ଯାହାର ପରିଣାମ ସାଧାରଣ ଜନତା, ଜୀବଜନ୍ତୁଙ୍କୁ ଭୋଗିବାକୁ ପଡ଼ିଥାଏ । ବାଦଲଫଟା ବର୍ଷା ଯୋଗୁଁ ବହୁ ଧନଜୀବନହାନି ହେବା ସହ ଲୋକେ ବିସ୍ଥାପିତ ହୋଇଥାନ୍ତି । ତେବେ ଏପରି ବିପର୍ଯ୍ୟୟ ପଛରେ କିଛି ପ୍ରାକୃତିକ କାରଣ ଓ କିଛି ମନୁଷ୍ୟକୃତ କାରଣ ରହିଛି । ହିମାଚଳ ପ୍ରଦେଶରେ ହୋଇଥିବା କେତେକ ବାଦଲଫଟା ବର୍ଷାକୁ ନେଇ ଏହି ଉପସ୍ଥାପନା ।**

## ମଣ୍ଡିରେ ବର୍ଷା ବିପ୍ଳାତ

୨୦୨୫ ଜୁନ୍ ୩୦ ତାରିଖରେ ମଣ୍ଡି ଜିଲ୍ଲା ସରାଜ ଅଞ୍ଚଳ ଶିକାରୀ ମାତା ଓ ରୋହାଣ୍ଡିରେ ବାଦଲଫଟା ବର୍ଷା ଯୋଗୁଁ ଲମ୍ବାଥାଚ, ଜରୋଲ୍, ଡୁଙ୍ଗାଧାରରୋଡ୍ , ପାଣ୍ଡବଶିଳା ପ୍ରଭୃତି ୧୧ ଟି ସ୍ଥାନରେ ବନ୍ୟା ବିପ୍ଳାତ ସୃଷ୍ଟି ହୋଇଥିଲା । ଏହା ଗାଁର ସମ୍ପୂର୍ଣ୍ଣ ନକ୍ସାକୁ ବଦଳାଇ ଦେଇଥିଲା । ମଣ୍ଡି ପଣ୍ଡୋହ ଡ୍ୟାମକୁ ସଂଯୋଗ କରୁଥିବା ବାଖଲି ଗାଁର କୁକଲାହ ଖଣ୍ଡାରେ ନିର୍ମିତ କାଠ ପୋଲ ଭାରି ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ୧୫ରୁ ଅଧିକ ଗ୍ରାମପଞ୍ଚାୟତଙ୍କୁ ସଂଯୋଗ କରୁଥିବା ଏହି ପୋଲ ଦେଇ ଯାତାୟାତ, ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପାଣିର ସୁଅ ଏତେ ପ୍ରଖର ଥିଲା ଯେ  ଘରଦ୍ୱାରା ସମେତ ଲୋକଙ୍କୁ ଭସାଇ ନେଇଥିଲା । ଲୋକେ କାଦୁଅ ପଙ୍କରେ ବୁଡ଼ି ପ୍ରିୟଜନଙ୍କୁ ଖୋଜିବାରେ ଲାଗିଥିଲେ । ହେଲେ କୌଣସି ସନ୍ଧାନ ପାଇ ନଥିଲେ ।  ବିଜୁଳି ଓ ଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ବନ୍ୟାପୀଡ଼ିତ ଲୋକଙ୍କୁ ଆଶ୍ରୟସ୍ଥଳରେ ଦିନ କାଟିବାକୁ ପଡ଼ିଥିଲା ।

## ଯୋଗାଯୋଗ ବିଚ୍ଛିନ୍ନ

ସେହିପରି ଭାରି ବର୍ଷା ଯୋଗୁଁ ଲମ୍ବାଥାଚରେ ବାଖଲିଖଣ୍ଡ ମୁଖ୍ୟ ସଡ଼କପଥ ବିଚ୍ଛିନ୍ନ ହୋଇଯାଇଥିଲା । କିଛି ସ୍ଥାନରେ ସମ୍ପୂର୍ଣ୍ଣ ସଡ଼କପଥ ଧୋଇ ନେଇଥିଲା । ମହେନ୍ଦ୍ର ପାଲ, ରାଜେନ୍ଦ୍ର, ବୀରେନ୍ଦ୍ର ସୁନ୍ଦର ସିଂହଙ୍କ ଭଳି ଅନ୍ୟ ୧୮  ଜଣ ବ୍ୟକ୍ତିଙ୍କ ଘର ସମେତ ୨୫ ଗୋଶାଳା ପଙ୍କରେ ଦବି ଯାଇଥିଲା । ପଞ୍ଚାୟତ ପ୍ରଧାନ ସନ୍ତୋଷ କୁମାରଙ୍କ କହିବାନୁଯାୟୀ, ସେହି ସ୍ଥାନରେ ବିଦ୍ୟୁତ୍ ସରବରାହ ଓ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜରୋଲରେ ତିଲୋକ ରାଜାଙ୍କ ପାଞ୍ଚମହଲା ଅଟ୍ଟାଳିକା ସମେତ ୧୪ ଟି ଘର ବାଖଲିଖଣ୍ଡରେ ବିଲୀନ ହୋଇଯାଇଥିଲା ।  ଅନେକ ଲୋକଙ୍କ ଘର ଭାଙ୍ଗି ନିଶ୍ଚିହ୍ନ ହୋଇଯାଇଛି । ଏଥିଯୋଗୁଁ ଲୋକମାନେ ନା ନା ସମସ୍ୟାରେ ସମ୍ମୁଖୀନ ହୋଇଥିଲେ । ଘଟଣାସ୍ଥଳରେ ଏନ୍‌ଡିଆରଏଫ୍ ଟିମ୍ ପହଞ୍ଚି ଲୋକଙ୍କୁ ସହାୟତା ପ୍ରଦାନ କରିଥିଲା । ତେବେ ୨୦୨୫ ମସିହା  ୨୦ ଜୁନରୁ ୧୬ ଜୁଲାଇ ମଧ୍ୟରେ ୧୦୯ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରୁ  ୬୪ ଜଣ ଲୋକ ଭାରି ବର୍ଷା ଓ ଭୂସ୍ଖଳନରେ ମୃତ ହୋଇଥିବା ବେଳେ ୪୫ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

## ବାଦଲଫଟା ବର୍ଷାର ପରିଣାମ

କିଛି ବର୍ଷ ଧରି ଜଳବାୟୁରେ ପରିବର୍ତ୍ତନ ଦେଖାଯାଉଛି । ସେହିପରି ବିଶ୍ୱତାପନ ମଧ୍ୟ ବୃଦ୍ଧି ହେବାରେ ଲାଗିଛି । ତେଣୁ ଭୌଗୋଳିକ ସ୍ଥିତି ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ବାଦଲଫଟା ବର୍ଷା ହେବାର ଅଧିକ ରେକର୍ଡ କରାଯାଇଛି । ସେହିପରି ବିଶେଷଜ୍ଞଙ୍କ କହିବାନୁଯାୟୀ, ବାଦଲ ଅତିକ୍ରମ ପଥରେ ଗରମ ପବନ ଓ ପାହାଡ଼ ପସନ୍ଦ କରେନି । ତେଣୁ



ବାଦଲ ଗତିପଥରେ ପ୍ରତିବନ୍ଧକ ଦେଖାଗଲେ ଏହା ଫାଟିଥାଏ । ସେହିପରି କିଛି ବିଶେଷଜ୍ଞଙ୍କ କହିବାନୁଯାୟୀ, କମ୍ ସମୟରେ ଭାରି ବର୍ଷା ହେଲେ ମଧ୍ୟ ବାଦଲ ଫାଟିଥାଏ । ସାଧାରଣତଃ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲେ ବାଦଲ ଫାଟିଥାଏ । କୌଣସି ସ୍ଥାନରେ ବାଦଲ ଫାଟିଲେ ଅଚାନକ ସେହି ସ୍ଥାନରେ ଭାରି ବର୍ଷା ହୁଏ । ଏହା ବିଶେଷ କରି ଭାରତର ପାର୍ବତ୍ୟ ଅଞ୍ଚଳରେ ଦେଖିବାକୁ ମିଳିଥାଏ ।

## ଅତୀତର ଅଲିଭା ଘଟଣା

ଜଳବାୟୁ ପରିବର୍ତ୍ତନ ଯୋଗୁଁ ହିମାଚଳ ପ୍ରଦେଶରେ ଅଚାନକ ବାଦଲଫଟା ବର୍ଷା, ବନ୍ୟା ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟଣା ବୃଦ୍ଧିବାରେ ଲାଗିଛି । ସେହିପରି ଗ୍ଲାସିୟର ତରଳିବା, ତାପମାତ୍ରା ବୃଦ୍ଧି ମଧ୍ୟ ଏହାର ପ୍ରମୁଖ କାରଣ ପାଲଟିଛି ।

୨୦୧୮ –୨୦୨୫ ମଧ୍ୟରେ ହିମାଚଳ ପ୍ରଦେଶରେ ୧୪୮  ଥର ବାଦଲଫଟା ବର୍ଷା ଘଟଣା ଘଟିଛି । ଏଥିସହ ୨୯୪ ଥର ଅଚାନକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । କୁଲ୍ଲୁ, ଲାହୁଲସ୍ପିତି, କନୌର ଓ ମଣ୍ଡି ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ଭଳି ଘଟଣା ପାଇଁ ବେଶ୍ ସମ୍ବେଦନଶୀଳ ରହିଥାଏ ।

୧୬ ଜୁଲାଇ ୨୦୦୩ ମସିହାରେ ହିମାଚଳ ପ୍ରଦେଶ ଶିଲାଗଡ଼ରେ ଅଚାନକ ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏଥିରେ ୪୦ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏଥିରେ ବିଶେଷ କରି ଜାନମାଲ ଅଞ୍ଚଳରେ ବହୁ କ୍ଷତି ହୋଇଥିଲା । ଘର ରାସ୍ତା ଧୋଇହେବା ସହ ବହୁ ଜୀବଜନ୍ତୁ ଭାସି ଯାଇଥିଲେ ।


୧୪ ଅଗଷ୍ଟ ୨୦୦୭ ମସିହାରେ ବାଦଲ ଫାଟିବାରୁ ହିମାଚଳ ପ୍ରଦେଶ ଭାବି ଗ୍ରାମରେ ପ୍ରାୟ ୫୨ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ଘର, ରାସ୍ତାଘାଟ ନଷ୍ଟ ହେବା ସହିତ ବହୁ ଧନହାନି ହୋଇଥିଲା ।

୧୫ ଅଗଷ୍ଟ ୧୯୯୭ରେ ଶିମଲା ଚିରଗ୍ରାମରେ ବର୍ଷା ଯୋଗୁଁ ୧୧୫ ଲୋକଙ୍କ ମୃତ୍ୟୁ ହୋଇଥିଲା । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ଏତେ ସପନକୁ ରାତି କାହିଁ ?

ମହର୍ଷି ମହେଶ ଯୋଗୀଙ୍କ ଶିଷ୍ୟ ତଥା ରାଜନୀତି ବାବାଜୀ ପ୍ରସନ୍ନ ପାଟଶାଣୀ ନିଃସନ୍ଦେହରେ ଜଣେ ଭଲ କବି । ଗେରୁଆ ବସନ ସାଙ୍ଗକୁ କୁହୁକ ବାଡ଼ିଧାରୀ ପାଟଶାଣୀଙ୍କୁ କେହି କେହି ଖାଲି ବାବା ବୋଲି ସମ୍ବୋଧନ କରନ୍ତି, କେହି କେହି ତାଙ୍କୁ ଚିକେନ୍ ବାବା ବୋଲି ବି କଟାକ୍ଷ କରିଥାଆନ୍ତି । ଅଶୀ ବର୍ଷରେ ପଦାର୍ପଣ କରିଥିବା ବାବା ପାଟଶାଣୀ ନିଜ ଜୀବନକାଳର ଅର୍ଦ୍ଧାଧିକ କାଳ ସଂସଦ ଓ ବିଧାନସଭାରେ ବିତାଇଛନ୍ତି । କବିତା ଅପେକ୍ଷା ତାଙ୍କୁ ରାଜନୀତିରେ ବେଶୀ ସହଯୋଗ ଦେଇଛି ଭାଗ୍ୟ । ରାଜ୍ୟ ବିଧାନସଭାକୁ ସେ ଚାରିଥର ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି; ଶଙ୍ଖପତିଙ୍କ ପୃଷ୍ଠପୋଷକତାରେ ସମ୍ମାନଜନକ ଭୁବନେଶ୍ୱର ଲୋକସଭା ଆସନରୁ ଚାରି ଥର ସଂସଦକୁ ବି ଯାଇଥିଲେ ବି ତାଙ୍କର କ୍ଷମତା ମୋହ ଏବେ ବି ତୁଟିନାହିଁ ବୋଲି ଅନେକ କହନ୍ତି । ଗଲା ନିର୍ବାଚନ ପୂର୍ବରୁ ଜ୍ୱାଇଁପୁଅ ଶଙ୍ଖ ମୋହ ତୁଟାଇ ପଦ୍ମ ପୁଷ୍କରିଣୀକୁ ଲମ୍ଫ ମାରିଥିଲେ; ଜ୍ୱାଇଁଙ୍କ ପଛେପଛେ ଶ୍ୱଶୁର ବି ପଦ୍ମ ସୁଗନ୍ଧରେ ଏବେ ବିହ୍ୱଳ । ମୋହିନୀ ମାୟାରେ ମୁନିଙ୍କ ମତିଭ୍ରମ ପରି ରାଜ୍ୟପାଳ ପଦ ଆଶା କୁଆଡ଼େ ବାବାଙ୍କୁ ବାଚାଳ କରି ଦେଇଛି । କେତେବେଳେ ସେ କାହାକୁ କ'ଣ କହୁଛନ୍ତି, ତହିଁରେ ତାଳମେଳ ରହୁନାହିଁ । ଏକଦା ନିଜକୁ ବାମବାଦୀ ବିଦ୍ରୋହୀ ବୋଲାଉଥିବା ବାବା କ୍ଷମତା ପାଇଁ କଂଗ୍ରେସ, ପରବର୍ତ୍ତୀ ସମୟରେ ଜନତା ଦଳ, ବିଜେଡିରେ ସାମିଲ ହୋଇଥିଲେ । ସମୟାନ୍ତରେ ବାମପନ୍ଥୀ ବାବା ଏବେ ଦକ୍ଷିଣପନ୍ଥୀ ଏବଂ ନିଜ ଆଶା ଚରିତାର୍ଥ ଲାଗି ଅହର୍ନିଶି ରାମମନ୍ଦିର ଆଖଡ଼ା କୁସ୍ତିଆଳ ଓ ପଦ୍ମ ଦଳର ଶୀର୍ଷ ନେତାଙ୍କ ଗୁଣଗାନ କରୁଛନ୍ତି । ହେଲେ ଏତେ ସପନକୁ ରାତି ଅଛି ତ ? ■



## ବିନା ବର୍ଷାରେ ବେହାଲ କବି

ମନ ଓ ହୃଦୟରେ ଚିର ତରୁଣ ଶଙ୍ଖଦଳର ନୟାଗଡ଼ାଧିପତି ଅରୁଣଙ୍କର ଅନ୍ୟ ଗୋଟିଏ ପରିଚୟ ହେଲା, ସେ ଭଲ କବିତା ଲେଖନ୍ତି । କବିତା ଆସରକୁ ଯାଆନ୍ତି, ସ୍ୱଲିଖିତ କବିତା ପଢ଼ନ୍ତି । ଦଳ ମତ ନିର୍ବିଶେଷରେ ଇଂରାଜୀ ନୂଆବର୍ଷ ପୂର୍ବରୁ ପ୍ରତିବର୍ଷ କବିତାଭରା ଅଭିନନ୍ଦନପତ୍ର ସମସ୍ତଙ୍କୁ ପଠାନ୍ତି । କବିତା ପରି ତାଙ୍କ କଥା ବି ଇଙ୍ଗିତଧର୍ମୀ । ରାଜନୀତିରେ ଦୁଇ ହାତ ମାପି ଦୁଇ ଆଙ୍ଗୁଳି ଚାଲିବା ପରି କଥା କହିବାରେ ବି ସେ ବେଶ ସଂଯମ । କୌଣସି କଥାର ସିଧା ଉତ୍ତର କେହି ତାଙ୍କଠାରୁ ଆଜିଯାଏ ପାଇ ନାହିଁ, ଭବିଷ୍ୟତରେ ବି ପାଇବ କି ନାହିଁ ସନ୍ଦେହ । ବୋଧହୁଏ ସେଥିପାଇଁ ରାଜନୀତିରେ ସେ ଆଜିଯାଏ ତିଷ୍ଠି ରହିଛନ୍ତି ଓ ପାଞ୍ଚଥର ବିଧାନସଭାକୁ ନିର୍ବାଚିତ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ସମ୍ଭାଳିଛନ୍ତି । ଚାରିଥର ବିଧାନସଭାରେ କ୍ଷମତାସୀନ ଦଳର ସଦସ୍ୟ ଭାବରେ ସମୟ ଅତିବାହିତ କରିଥିବା ଅରୁଣ ଏବେ ବିରୋଧୀ ଆସନରେ ବସି ମହାନଦୀ କବିତା ଗାଉଥିବା ଆମେ ଦେଖୁଛୁ । ମାତ୍ର ଏସନ ରାଜ୍ୟରେ ନିଅଣ୍ଟିଆ ବର୍ଷା ସମୟରେ ଅରୁଣଙ୍କ ପରି ବୁଦ୍ଧିମାନ ଓ ଚତୁର ରାଜନେତା କିପରି ବର୍ଷା ପ୍ରେମରେ ପଡ଼ିଲେ ତାହା ଆମ ପରି ଲୋକଙ୍କ ପାଇଁ ଅବୋଧ । ବର୍ଷା ହେଲେ ବାଉଁଶ ଗଜା ମାରେ, ତରୁଣ ବୟସରେ ବର୍ଷାଦିନରେ ବି ପ୍ରେମ କଅଁଳେ; ସେମିତି କବିମାନଙ୍କୁ ବର୍ଷା ରୋମାଣ୍ଟିକ କରିଦିଏ ବୋଲି ବି କେହି କେହି କହନ୍ତି । ମାତ୍ର ଯୌବନର ଫଗୁଣ ଅତିକ୍ରମ କରି ପ୍ରୌଢ଼ତ୍ୱର ଚଇତ୍ରରେ କବି ଅରୁଣଙ୍କ ଅବସ୍ଥା ନିଅଣ୍ଟିଆ ବର୍ଷାରେ କିପରି ବେହାଲ ହେଲା ତାହା ଭାବିଭାବି ଆମ ମୁଣ୍ଡ ଟିଣ .... । ■



## ଏପଟେ ଖାଲ, ସେପଟେ ଖାଇ

ସରକାରଙ୍କ ଅଠସ୍ତୋରୀ ପଦ୍ମରୁ ଗୋଟିଏ ପଦ୍ମ ହେଉଛନ୍ତି ଟିଟିଲାଗଡ଼ ନେତା ନବୀନ ଜୈନ । ମା' ସରସ୍ୱତୀଙ୍କ କୃପାରୁ ବଞ୍ଚିତ ହୋଇ ରାଧେଶ୍ୟାମ ତନୟ ନବୀନ ସିନା ମେଟ୍ରିକ୍ ଡ଼େଇଁ ପାରିଲେ ନାହିଁ, ହେଲେ ତାଙ୍କ ଉପରେ ମାତା ଲକ୍ଷ୍ମୀଙ୍କ ପ୍ରଚୁର ଆଶୀର୍ବାଦ ରହିଛି । ଏପଟେ ପୁଣି ତାଙ୍କ ଧର୍ମପତ୍ନୀ ମମତା ଦେବୀ ଜୈନ ଟିଟିଲାଗଡ଼ ପୌରାଞ୍ଚଳର ଉପାଧ୍ୟକ୍ଷା । ମାତ୍ର ଟିଟିଲାଗଡ଼ରେ ବର୍ଷେ ହେଲା ନିଖୋଜ ହୋଇଥିବା ବିକାଶକୁ ସ୍ଥାନୀୟ ଲୋକେ କୁଆଡ଼େ ଖୋଜି ପାଉ ନାହାନ୍ତି । ବିଧାୟକ ହୋଇ ନ ଥିବା ବେଳେ ନବୀନ ଜନସ୍ୱାସ୍ଥ୍ୟ ବିଭାଗ ବାବୁଙ୍କ ପାଖରେ ପାଣି ପାଇଁ ଲଢ଼େଇ କରୁଥିବା; ଟିଟିଲାଗଡ଼ରୁ ଧୂଳି ହଟାଇବାକୁ ତାଙ୍କ ଧର୍ମପତ୍ନୀ ଜିଲ୍ଲାପାଳ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ନିକଟରେ ଦାବି କରୁଥିବା ଫଟୋ ଏବେ ବି ଫେସବୁକ୍‌ରେ ଖୋଜିଲେ ମିଳିବ । ମାତ୍ର ଟିଟିଲାଗଡ଼ରେ ପାଣି ଓ ଧୂଳି ସମସ୍ୟା ଏବେ ବି ଦୂର ହୋଇ ନଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି । ଅବଶ୍ୟ ନବୀନବାବୁ ବି କରିବେ କ'ଣ ? ନାମକୁ ସିନା ସେ ବିଧାୟକ; ହେଲେ ତାଙ୍କ ପାଖରେ କ୍ଷମତା କାହିଁ । ଏପଟେ ପ୍ରଭାବଶାଳୀ ସାଂସଦ ଓ ସେପଟେ ପ୍ରଭାବଶାଳୀ ମନ୍ତ୍ରୀ । ଦିହିଁଙ୍କ ପତିଆରା ଯୁଦ୍ଧରେ ଜୈନ ବାବୁ କାହା ପକ୍ଷକୁ ଯିବେ ବୁଝି ପାରୁନାହାନ୍ତି । ଦୁଇ ନୌକାରେ ଗୋଡ଼ ଦେବା ପରି ତାଙ୍କ ଅବସ୍ଥା । ଯେଉଁଠି ବେଲପଡ଼ା ଓ ଲୋଇସିଂହା ପୌରାଞ୍ଚଳ ବିବାଦ ଛିଡ଼ୁ ନାହିଁ, ସେଠାରେ ଟିଟିଲାଗଡ଼ ବିକାଶ କଥା ପଚାରେ କିଏ ? ଏଥିପାଇଁ ବିଧାୟକ କୁଆଡ଼େ ମଝିରେ ମଝିରେ ଅସୁସ୍ଥ ଅନୁଭବ କରୁଛନ୍ତି ଓ ଚିକିତ୍ସା ପାଇଁ ଛତିଶଗଡ଼ ଯାଉଛନ୍ତି । ଏ ଦୁଃଖ କହିବେ ବା କାହାକୁ? ଏପଟେ ଖାଇ ତ ସେପଟେ ଖାଲ । ଟିକିଏ ଏପଟସେପଟ ହେଲେ କଥା ଶେଷ... । ■



## ଛାଇ ପଡ଼ିଲେ ନାହି ଡ଼େଉଁଛି...

ରାଜଧାନୀ ଭୁବନେଶ୍ୱରର ପଦ୍ମ ଦଳର ପୁରୁଖା ନେତା ଜଗନ୍ନାଥ ଓ ସାଂସଦ ମ୍ୟାଡ଼ାମ ଅପରାଜିତାଙ୍କ ମଧ୍ୟରେ (ଅ) ସମ୍ପର୍କକୁ ନେଇ ଅନେକ ସମୟରେ ଅନେକ କଥା ଚର୍ଚ୍ଚା ହୁଏ । ରାଜଧାନୀ ରାଜନୀତିରେ ରୁଚି ରଖିଥିବା ଲୋକମାନେ ଏ ସମ୍ପର୍କରେ ଭିନ୍ନ ଭିନ୍ନ କଥା ହୁଅନ୍ତି । ଜଗନ୍ନାଥଙ୍କୁ ମ୍ୟାଡ଼ାମ୍ କଦାପି ନିଜ ଅନୁଗତ ବୋଲି ଭାବନ୍ତି ନାହିଁ; ମ୍ୟାଡ଼ାମ୍‌ଙ୍କୁ ମଧ୍ୟ ଜଗନ୍ନାଥ ନିଜର ମାର୍ଗଦର୍ଶକ ବୋଲି ମଣନ୍ତି ନାହିଁ ଓ ୟା'ଙ୍କ ଛାଇ ପଡ଼ିଲେ ତାଙ୍କ ନାହି ଡ଼ିଏଁ ବୋଲି କେହି କେହି ମତ ଦିଅନ୍ତି । ନିର୍ବାଚନରେ ଜଗନ୍ନାଥଙ୍କ ପରାଜୟ ପରେ ମ୍ୟାଡ଼ାମଙ୍କ ଘନିଷ୍ଠ ସହଯୋଗୀ ବୋଲାଉଥିବା କିଛି ଯୁବ ନେତାଙ୍କ ଉତ୍ସବ ପାଳନ ଦୃଶ୍ୟ ଦେଖିଥିବା ଲୋକମାନେ ଉଭୟଙ୍କ ସମ୍ପର୍କକୁ ଠିକ୍ ବୁଝି ପାରିଥିବେ । ଏପରିକି ବାବୁଙ୍କ ପରି ଜଗନ୍ନାଥ ଯଦି ଲାଇନ୍‌ରେ ରହିଥାଆନ୍ତେ; ତେବେ ସେ ବି ଜିତି ଥାଆନ୍ତେ ବୋଲି ମ୍ୟାଡ଼ାମଙ୍କ ଏହି ଅନୁଗତମାନେ କହୁଥିବା କଥା ଅନେକ ଦିଗକୁ ଇଙ୍ଗିତ କରିଥାଏ । ମାତ୍ର ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼ ଘଟଣା ପରେ ମ୍ୟାଡ଼ାମ୍ ଅପରାଜିତା ଯେପରି ତ୍ୱରିତ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ, ତାହା ଜଗନ୍ନାଥ ଓ ତାଙ୍କ ସହଯୋଗୀଙ୍କୁ ସହଜରେ ହଜମ ହୋଇନାହିଁ । ଏହି ସମୟରେ ପଦ୍ମ ଦଳର ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ମାଡ଼ ଘଟଣାରେ ସାଂସଦଙ୍କ ରହସ୍ୟମୟ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜଗନ୍ନାଥଙ୍କ କିଛି ଘନିଷ୍ଠ ଅନୁଗତ । ସାଂସଦ ଏହି ଘଟଣାରେ କାହିଁକି ପୁଲିସ ଡାକିଲେ ନାହିଁ, କାହିଁକି ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କଲେ ନାହିଁ ଯେଉଁ ପ୍ରଶ୍ନ ଉଠିଛି ତାହାର ଉତ୍ତର କେଉଁଠାରେ ମିଳୁନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।